

ଶତରୂପା

ଅଧ୍ୟାପକ ଡଃ. ଗଂଗାଧର ନାୟକ

Digitized by srujanika@gmail.com

ଶତରୂପା

ଅଧ୍ୟାପକ ଡଃ. ରଙ୍ଗାଧର ନାୟକ

ଆମେ ଓଡ଼ିଆ, ଭୁବନେଶ୍ୱର

Digitized by srujanika@gmail.com

ଶତରୂପା

ଲେଖକ: ଅଧ୍ୟାପକ ଡଃ.ରଙ୍ଗାଧର ନାୟକ

ପ୍ରକାଶକ : ଆମେ ଓଡ଼ିଆ, ଭୁବନେଶ୍ୱର

ପ୍ରଚ୍ଛଦ ଚିତ୍ର: ସରୋଜ

ମୁଦ୍ରଣ : ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର

ପ୍ରଥମ ପ୍ରକାଶ: ମହାବିଷୁବ ସଂକ୍ରାନ୍ତି, ୨୦୧୦

ମୂଲ୍ୟ : ୭୫.୦୦

SATARUPA

By : Dr. Rangadhar Nayak
Published by : Ame Odia
Bhubaneswar.
First Edition : Mahavisub Sankranti, 2010
Price : Rs. 75/-
Cover : Saroj
Printed at : Ankita Graphics, BBSR.

Digitized by srujanika@gmail.com

ପୁତ୍ର ସତ୍ୟବ୍ରତ

ଓ

ପୁତ୍ରବଧୂ ଲିଜାକୁ

- ବାପା

Digitized by srujanika@gmail.com

ଏଥିରେ ଅଛି...

କ୍ର.ନଂ.	ବିଷୟ	ପୃଷ୍ଠା
୧	ବୃଦ୍ଧ	୧୩
୨	ପଞ୍ଜୁରୀ	୧୪
୩	ନାଟକର ଶେଷ ଦୃଶ୍ୟ ପୂର୍ବରୁ	୧୫
୪	ଥୁଣ୍ଟା ଗଛର ଆତ୍ମ କାହାଣୀ	୧୬
୫	ଅକ୍ଷର	୧୭
୬	ରୂପାନ୍ତର	୧୮
୭	ପାହାଡ଼ୀ ଝିଅ	୧୯
୮	ଶାମୁକାର ଶୋକ	୨୦
୯	ଗାଈଆଳର ସ୍ୱପ୍ନ	୨୧
୧୦	ଡିମ୍ନାରେ ଗୋଟିଏ ସନ୍ଧ୍ୟା	୨୨
୧୧	ଅଥଚ ମୂଷିକ	୨୩
୧୨	ଭଙ୍ଗା ଆଇନା ଚରିତମ୍	୨୪
୧୩	ସୂର୍ଯ୍ୟାସ୍ତ ପୂର୍ବରୁ	୨୫
୧୪	ନିଃଶବ୍ଦ ସଂଳାପ	୨୬
୧୫	ଆତତାୟୀର ଅଶ୍ରୁ	୨୭
୧୬	ନୂଆବର୍ଷ	୨୮
୧୭	ସେଇ ନାରୀଟି	୨୯
୧୮	ପାନ୍ଥନିବାସରେ ଗୋଟିଏ ରାତି	୩୦
୧୯	ନିଷିଦ୍ଧ ଇଲାକା	୩୧
୨୦	ଦୃଶ୍ୟାନ୍ତର	୩୨
୨୧	ଅସ୍ତରାଗର ସୂର୍ଯ୍ୟ	୩୩
୨୨	ପରିବର୍ତ୍ତନ	୩୪
୨୩	ନିଜକୁ ବାଦ୍‌ଶାହା ମନେକରି	୩୫
୨୪	ଛାଇ	୩୬
୨୫	ଏକ ମଣ୍ଡୁକ ଉପାଖ୍ୟାନ	୩୭

Digitized by srujanika@gmail.com

୨୬	କପୋତ ପକ୍ଷୀ ଉପାଖ୍ୟାନ	୩୮
୨୭	ନାରୀ ବନାମ କବି	୩୯
୨୮	ସଂଳାପ	୪୦
୨୯	ଧାଡ଼ିରେ ଥିବା ଲୋକ	୪୧
୩୦	ଅଧ୍ୟାପକଙ୍କ ଉପକଥା	୪୨
୩୧	ନିର୍ବାଣ	୪୩
୩୨	ବସ୍ କାଚର ଜୀବନ ଛବି	୪୪
୩୩	ମନ୍ତ୍ରୀଙ୍କ ଡାଏରୀ	୪୫
୩୪	କିରାଣି	୪୬
୩୫	ବିଷର୍ଣ୍ଣ ଆକାଶ	୪୭
୩୬	ଆଶିଣ ବଉଦର ଅଶ୍ରୁ	୪୮
୩୭	ସତ୍ୟସାର୍	୪୯
୩୮	ବାପା ଚାଲିଗଲାପରେ	୫୦
୩୯	ସକାଳର କୁହୁଡ଼ି ପରେ	୫୧
୪୦	ସେଇ ଝିଅଟି	୫୨
୪୧	ଜହ୍ନ ଦେଖୁଥିବା ମଣିଷଟି	୫୩
୪୨	ଶୂନ୍ୟ ପଞ୍ଜୁରି	୫୪
୪୩	ଶେଫାଳୀର ଶେଷଚିଠି	୫୫
୪୪	ତଟ ଦୟାନଦୀ	୫୬
୪୫	ଅଭିଶପ୍ତ ରାଜପ୍ରସାଦ	୫୭
୪୬	ଚିତ୍କାର	୫୮
୪୭	ଛବି	୫୯
୪୮	ଅଲୋଡ଼ା	୬୦
୪୯	ବିଧର୍ମୀ	୬୧
୫୦	କୋଣାର୍କ	୬୨
୫୧	ସଂପର୍କ	୬୩
୫୨	ଅବ୍ୟକ୍ତ ଅଭିଳାଷ	୬୪
୫୩	ଶେଷ ଶ୍ରାବଣ...	୬୫

Digitized by srujanika@gmail.com

୫୪	ଆକ୍ରୋଶ	୬୬
୫୫	ବାଦୁଡ଼ି ଓ ଆମ୍ବଗଛ	୬୭
୫୬	ଝିଅ ଓ ଖେଳନା	୬୮
୫୭	ସାର୍ ଗଲାପରେ	୬୯
୫୮	କବିତାଲେଖା	୭୦
୫୯	ତଥାପି ନିକର	୭୧
୬୦	ଅନ୍ତିମ ମୋହ	୭୨
୬୧	ଅନ୍ଧାରର ଆଖି	୭୩
୬୨	ଶବ୍ଦ ଓ କବି	୭୪
୬୩	ଦୂର ପାହାଡ଼	୭୫
୬୪	ଜଣେ ଆତତାୟୀ ସଂପର୍କରେ	୭୬
୬୫	ନୋଟିସ୍	୭୭
୬୬	ପୁରସ୍କାର ବନାମ୍ କବି	୭୮
୬୭	ନାଟକର ଶେଷ ସଂଳାପ	୭୯
୬୮	ମହା ସମୁଦ୍ର	୮୦
୬୯	ନାମ ଫଳକ	୮୧
୭୦	ଅନିର୍ବାଣ	୮୨
୭୧	ଦେବଦାସ	୮୩
୭୨	ମୀରା ଦିଦି	୮୪
୭୩	ସୂର୍ଯ୍ୟାସ୍ତ ପୂର୍ବରୁ	୮୫
୭୪	ପାଚେରୀ	୮୬
୭୫	ଲଣ୍ଡାବରଗଛର ଆତ୍ମକାହାଣୀ	୮୭
୭୬	ବୃକ୍ଷ	୮୮
୭୭	ଚିହ୍ନାଅପା	୮୯
୭୮	ସ୍ୱାଭିମାନ	୯୦
୭୯	ମାତୃତ୍ୱର ଶେଷନାମ	୯୧
୮୦	ବାପା	୯୨
୮୧	ଉପତ୍ୟକାର ମୋହ	୯୩

Digitized by srujanika@gmail.com

୮୨	ଅଶାନ୍ତ ଆକାଶ	୯୪
୮୩	ସେଇ ଗାଁ ମାଟି	୯୫
୮୪	ସମୟର ଶେଷ ନାମ	୯୬
୮୫	ନିଷିଦ୍ଧ ଇଲାକା	୯୭
୮୬	କାବ୍ୟ ନାୟିକା	୯୮
୮୭	ଅଭିନ୍ନ ସାର୍	୯୯
୮୮	ସୂର୍ଯ୍ୟାସ୍ତର ଆକାଶ	୧୦୦
୮୯	ପୁନଶ୍ଚ ବଳିଦର	୧୦୧
୯୦	ଦର୍ପଣ ସାମ୍ନାରେ...	୧୦୨
୯୧	ଖାନ୍‌ଦାନ୍	୧୦୩
୯୨	କାମିନୀ	୧୦୪
୯୩	ଅଭିଶପ୍ତ ମାତୃତ୍ୱ	୧୦୫
୯୪	ଏକ ନିର୍ବାପିତ ଦୀପ	୧୦୬
୯୫	ସୀମା ଅପା	୧୦୭
୯୬	ଗୋଟିଏ ଝରାଶେଫାଳୀର ଆତ୍ମକାହାଣୀ	୧୦୮
୯୭	ମାନସ ଅଭିସାର	୧୦୯
୯୮	କଳାପାହାଡ଼ର ଉପକଥା	୧୧୦
୯୯	କେବଳ ସେଇ ମୁହୂର୍ତ୍ତଟି ପାଇଁ	୧୧୧
୧୦୦	ଚକା ଆଖି	୧୧୨

Digitized by srujanika@gmail.com

ମୋ ନିଜକଥା

ବାଣୀବିହାରରେ ଓଡ଼ିଆ ବିଭାଗରେ ଏମ୍.ଏ. ପଢୁଥିଲାବେଳେ ଛୋଟ ଛୋଟ ଗଳ୍ପଗୁଡ଼ିକ ପ୍ରତି ସ୍ୱତଃ ଆକୃଷ୍ଟ ହୋଇ ପଡ଼ିଥିଲି। ସେତେବେଳେ ପ୍ରୟାସ କରିଥିଲି ଏମିତି ଛୋଟ ଛୋଟ ଗଳ୍ପ ନିଜେ ଲେଖିବି ବୋଲି। ଫୁଲବାଣୀ ସରକାରୀ କଲେଜରେ ଅଧ୍ୟାପନା କାଳରେ ସୌଭାଗ୍ୟକ୍ରମେ ମୋର ବିଶିଷ୍ଟ ନୃତତ୍ତ୍ୱବିତ୍ ଅଧ୍ୟାପକ ଡଃ ଶ୍ରୀଶ ପଟ୍ଟନାୟକଙ୍କ ସହିତ ବଂଧୁତା ସୃଷ୍ଟି ହେଲା। ତାଙ୍କ ପ୍ରେରଣାରେ ଏବଂ ତାଙ୍କୁ ମୁଖ୍ୟ ସଂପାଦକ ଦାୟିତ୍ୱ ଦେଇ ପ୍ରକାଶ କଲି 'ଫୁଲ' ନାମକ ଏକ ମାସିକ ଚିଠି ପତ୍ରିକା। ଅନ୍ତର୍ଦେଶୀୟ ପତ୍ର (Inland Letter)ର ପରିସର ମଧ୍ୟରେ ଛୋଟ ଛୋଟ ଗଳ୍ପ, କବିତା, ପ୍ରବନ୍ଧମାନ ପ୍ରକାଶ କଲୁ। ଏହି ଫୁଲ ପତ୍ରିକାଟି ଦୀର୍ଘ ପାଞ୍ଚ ବର୍ଷ ଧରି ପ୍ରକାଶିତ ହୋଇଥିଲା। ଫୁଲରେ ମୋର ଅନେକ ଛୋଟ ଛୋଟ ଗଳ୍ପ ପ୍ରକାଶିତ ହୋଇଥିଲା।

ଭୁବନେଶ୍ୱର ଅଙ୍କିତା ଗ୍ରାଫିକ୍ସର ପରିଚାଳନା ନିର୍ଦ୍ଦେଶକ ବଂଧୁ ସରୋଜ କୁମାର ମହାପାତ୍ର ମୋର ସବୁ ଗଳ୍ପକୁ ନେଇ ବହିଟିଏ ପ୍ରକାଶ କରିବାକୁ ବାରମ୍ବାର ଅନୁରୋଧ କଲେ। ତାଙ୍କରି ଉଦ୍ୟମରୁ 'ଶତରୂପା' ଗଳ୍ପ ସଂକଳନଟି ଆତ୍ମପ୍ରକାଶ କରିଛି।

ଛୋଟ କାନ୍‌ଭାସ୍ ଉପରେ ଜୀବନର ବିରାଟ ସ୍କେଚ୍ ଆଙ୍କିବା ବଡ଼ କଷ୍ଟକର ବ୍ୟାପାର। ତଥାପି ଜୀବନର ସୁବିସ୍ତୃତ ସ୍କେଚ୍‌କୁ ସାଙ୍କେତିକ ଭାବରେ ଆଙ୍କିବା ପାଇଁ ଉଦ୍ୟମ କରିଛି। କଲମ ଧରିଲେ ନିଶା ଲାଗିଯାଏ। ଗୋଟାଏ ମୁହୂର୍ତ୍ତର ସ୍ଫୁରଣରେ ଅନେକ କଥା ମନକୁ ଆସେ ଏବଂ ତାହା ଛୋଟ ଛୋଟ ଗଳ୍ପର ରୂପ ନେଇଯାଏ।

ସବୁ କଥାଶିଳ୍ପୀମାନେ ଘଟଣାକୁ ସଂଗଠିତ କରି ତା'ପରେ ଗଳ୍ପର ନାମକରଣ କରନ୍ତି। ମାତ୍ର ମୋ କ୍ଷେତ୍ରରେ ତା'ର ଠିକ୍ ଓଲଟା ପରିଲକ୍ଷିତ

Digitized by srujanika@gmail.com

ହୋଇଥାଏ । ଆଗ ଗୋଟିଏ ଶବ୍ଦ ମୋ ଚେତନା ଭିତରକୁ ତୀକ୍ଷ୍ଣବେଗରେ ପଶିଆସି ମୋର ବିଚାରବୋଧକୁ ଆନ୍ଦୋଳିତ କରିଦିଏ । ତା'ପରେ ମୋ ଲେଖନୀ କେଉଁ ଆଡ଼କୁ ଯାଏ, ତାହା ଗଳ୍ପ ଶେଷ ହେବାପରେ ଜଣାପଡ଼େ ।

ଶହେଟି ପୃଷ୍ଠାରେ ଶହେଟି ଗଳ୍ପ ଏହି 'ଶତରୂପା'ରେ ସ୍ଥାନିତ । ଯେଉଁଥିପାଇଁ ନାଁ ତା'ର ଶତରୂପା । ଏ ଗଳ୍ପ ଗୁଡ଼ିକ ସଫଳ ହୋଇଛି କି ନା ପାଠକ କହିବେ । ତଥାପି ମୋର ବିଶ୍ୱାସ ଆଜିର ବ୍ୟସ୍ତବହୁଳ ତଥା ଇଣ୍ଟରନେଟ୍ ଯୁଗରେ 'ଶତରୂପା' ପାଠକ-ପାଠିକାମାନଙ୍କ ନିକଟରେ ଆଦରଣୀୟ ହେବ ।

ଶହେଟି ଗଳ୍ପ ଲେଖିବାପାଇଁ ପ୍ଲଟ୍ ଖୋଜିବାରେ ମୋର ଧର୍ମପତ୍ନୀ ମୋତେ ସାହାଯ୍ୟ କରିଛନ୍ତି । ଏ ଅବସରରେ ତାଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ।

ବଂଧୁ ଡଃ.ରମେଶ ଚନ୍ଦ୍ର ପାଣି ଓ ସରୋଜ କୁମାର ମହାପାତ୍ରଙ୍କ ପାଖରେ ମୁଁ ଋଣୀ । ତାଙ୍କର ପ୍ରେରଣା ବିନା ସଂକଳନଟି ଠିକ୍ ସମୟରେ ପ୍ରକାଶିତ ହୋଇ ପାରି ନଥାନ୍ତା । ପ୍ରୁଫ୍ ଦେଖି ସେଗୁଡ଼ିକୁ ସଜାଡ଼ିବାରେ ବନମାଳୀପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁଶାନ୍ତ କୁମାର ମହାପାତ୍ରଙ୍କୁ ତାଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଦେଉଛି ।

॥ ଜୟଜଗନ୍ନାଥ ॥

ଅଧ୍ୟାପକ ଡଃ.ରଙ୍ଗାଧର ନାୟକ

ଓଡ଼ିଆ ଭିଭାଗ,

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

Digitized by srujanika@gmail.com



ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁ ମେ

Digitized by srujanika@gmail.com

ବୃଦ୍ଧ

....ସେ ଖୁବ୍ କ୍ଲାନ୍ତ। ମାଂସପେଶୀ ଶିଥିଳ। ବୃଦ୍ଧଙ୍କ ଆଖିରେ ଥିଲା ଆଗାମୀ ଯୁଗର ସଂକେତ। ସତ୍ୟ ସବୁବେଳେ ସତ୍ୟ ନୁହେଁ। ଯୁଗ ବଦଳିଗଲେ ସତ୍ୟର ସଂଜ୍ଞା ବଦଳେ।

ଜୀବନ ସାରା ଗୋଟାଏ ସତ୍ୟ ପଥରେ ଦଉଡ଼ି ଦଉଡ଼ି ବୃଦ୍ଧ ଜଣକ ସତରେ ବୃଦ୍ଧ ହୋଇ ଯାଇଛନ୍ତି। ତଥାପି ସେ ଖୋଜୁଛନ୍ତି। ଦୀର୍ଘ ୪୦ବର୍ଷର ସରକାରୀ ଚାକିରିରେ ଫାଇଲ୍ ଚାଷ କରି ସେ କ'ଣ ପାଇଛନ୍ତି ? ? ମାତ୍ର ଯାହା ସେ ହରେଇଛନ୍ତି ତାକୁ ଖୋଜୁଛନ୍ତି। ନ ପାଇବାର ସମ୍ଭାବନା ମଧ୍ୟରେ।

❖❖❖

Digitized by srujanika@gmail.com

ପଞ୍ଜୁରୀ

ରାକେଶବାବୁ ଅନେକ ଦିନ ହେଲା ଘରେ ଗୋଟାଏ ପଞ୍ଜୁରୀରେ ଶୁଆଟିଏ ପୋଷିଥିଲେ। ଅଫିସ୍ ଯିବାବେଳେ ପଞ୍ଜୁରୀକୁ ବାରମ୍ବାର ତନଖୁ ଥିଲେ। କାଳେ ସେ ଅଫିସ୍‌ରୁ ଫେରିଲାବେଳେ ଶୁଆଟି ଉଡ଼ିଯାଇଥିବ।

ରାକେଶବାବୁଙ୍କ ଏଭଳି ମାନସିକତା ବେଶୀ ଦିନର ନୁହେଁ। ରାଜୁ ତାଙ୍କର ଏକମାତ୍ର ପୁଅ। ଏବେ ସେ ଆମେରିକାରେ ବଡ଼ ଇଂଜିନିୟର। ରାଜୁ ଜନ୍ମ ହେବାର ପରେ ତାଙ୍କ ସ୍ତ୍ରୀ ସ୍ମିତା ସମସ୍ତଙ୍କୁ ଛାଡ଼ି ଚାଲି ଯାଇଥିଲେ। ରାଜୁର ସେ ଥିଲେ ବାପା ଓ ମା'। ଚବିଶ ବର୍ଷର ଅନ୍ତରଂଗ ସମୟ।

-ରାଜୁ ଚାଲି ଯାଇଥିଲା ଆମେରିକା। ତା'ପରେ ରାକେଶବାବୁ ଏଇ ଶୁଆ ଓ ପଞ୍ଜୁରୀକୁ ଅଧିକ ଧ୍ୟାନ ଦେଇ ଆସିଛନ୍ତି।

ଶୁଆଟି କହେ- "ମୁଁ ଅଛି ରାକେଶବାବୁ, କୁଆଡ଼େ ଯିବି ନାହିଁ", ତଥାପି ରାକେଶବାବୁଙ୍କର ନିଜ ଉପରେ ସଂଦେହ ଆସେ।

Digitized by srujanika@gmail.com

ନାଟକର ଶେଷ ଦୃଶ୍ୟ ପୂର୍ବରୁ

.... ବିବ୍ରତ ହୋଇ ପଡ଼ିଲେ ଜୀବନବଂଧୁ। ଆଉ ଗୋଟିଏ ଦୃଶ୍ୟପରେ ତାଙ୍କୁ ରଂଗମଞ୍ଚରୁ ବିଦାୟ ନେବାକୁ ପଡ଼ିବ। ମୁହଁର ମୁଖା, ଦେହର ପୋଷାକ, ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଖୋଲିବାକୁ ପଡ଼ିବ।

ନା-ନା-ନା, ସେ ଅଭିନୟ କରିଚାଲିବେ ପୂର୍ବବତ୍। କାରଣ ଜୀବନ ହିଁ ଅଭିନୟ। -ଅଭିନୟ ହିଁ ଜୀବନ। ଜୀବନବଂଧୁ ଉତ୍ତେଜିତ ହୋଇ ପଡୁଥିଲେ।

.... ପଛକୁ ଫେରି ଚାହିଁଲେ। ଷାଠିଏ ବର୍ଷ ତଳର ଏକ ସଂଧ୍ୟାକୁ। ...ତାଙ୍କ ଏନ୍ତୁଡ଼ି ଶାଳ। ...କୁଆଁ ....କୁଆଁ। (କୁଆଡ଼େ ଆସିଛି ମୁଁ) ଭାବ ବିହ୍ୱଳିତ ଜୀବନବନ୍ଧୁଙ୍କ ଆଖିରୁ ସେତେବେଳକୁ ଲୁହ ନିଗିଡ଼ି ଆସୁଥିଲା।

❖❖❖

Digitized by srujanika@gmail.com

ଥୁଣ୍ଟା ଗଛର ଆତ୍ମ କାହାଣୀ

ଜୟପୁର ସରକାରୀ ଡାକବଙ୍ଗଳା ପାଖରେ ଗୋଟିଏ ଥୁଣ୍ଟା ଗଛଟିଏ କେତେକାଲୁ ଅଛି କେହି ତା' ହିସାବ ରଖି ନାହାନ୍ତି। ପାଖ ବସ୍ତିର ପୁରୁଣା ବୁଢ଼ା ଲୋକମାନେ କହନ୍ତି ତାଙ୍କ ବାପା ଅଜା ଏମିତି ଏ ଥୁଣ୍ଟା ଗଛକୁ ଦେଖି ଆସିଛନ୍ତି।

ସରକାରୀ ଗସ୍ତରେ ଯାଇ ସଦାଶିବବାବୁ ଭୁବନେଶ୍ୱରରୁ ଜୟପୁରରେ ପହଞ୍ଚିବା ପରେ ଏହି ଥୁଣ୍ଟାଗଛକୁ ଦେଖି ତାଙ୍କର ମନେହେଲା ଏ ଗଛ ସହିତ ସତେଯେପରି ବହୁ ଯୁଗରୁ ସେ ପରିଚିତ।

ସେଦିନ ରାତିର ମଳିନ ଜହ୍ନରେ ସେ ଥୁଣ୍ଟା ଗଛକୁ ଦେଖି କ'ଣ ଭାବିଲେ କେଜାଣି ? ତା'ପାଖକୁ ଯାଇ ବାରମ୍ବାର ଉଚ୍ଚାରଣ କଲେ-

"ଅସତୋ ମାଂ ସଦ୍‌ଗମୟ ତମସୋ ମାଂ ଜ୍ୟୋତିର୍ଗମୟ"

✣✣✣

Digitized by srujanika@gmail.com

ଅକ୍ଷର

ଅସୀତ୍ ମଲାପରେ ସରସୀର ବାହାଘର ଠିକ୍ ହୋଇଗଲା । ସେଦିନ ସରସୀ ଢେର କାନ୍ଦିଥିଲା ଆମ୍ବ ତୋଟାରେ, ଯେଉଁଠି ଅସୀତ୍ ସହିତ ତା'ର ପ୍ରଥମ ଦେଖା ହୋଇଥିଲା । ସେତେବେଳେ ସେ ଗାଁ ସ୍କୁଲ୍‌ର ଦଶମ ଶ୍ରେଣୀର ଛାତ୍ରୀ ।

ଅସୀତ୍‌ର ସମସ୍ତ ସମ୍ପତ୍ତିକୁ ଭୁଲିଯିବାକୁ ସରସୀ ସବୁ ଚିଠି ଚିରି ଫୋପାଡ଼ି ଦେଲା । ମାତ୍ର ତା'ଠାରୁ ମାଗି ଆଣିଥିବା ଫଟୋଟିକୁ ଚିରି ଦେଲାବେଳେ କୋହ ସମ୍ଭାଳି ପାରିନଥିଲା ।

ଫଟୋର ପଛପଟେ 'ସୀ' ଅକ୍ଷରଯୁକ୍ତ ଖଣ୍ଡଟି ବାରଣ୍ଡା ତଳେ ଆକସ୍ମିକ ଭାବେ ରହିଯାଇଥିଲା ।

ବରଧରା ପିଲାଟିର ଗୋଡ଼ ଧୋଇଲାବେଳେ ସେଇ ଫଟୋ ଟୁକୁଡ଼ାଟି ଆବିଷ୍କୃତ ହୋଇଥିଲା । ସୁଦର୍ଶନ ଚକ୍ରପରି ସେ ଫଟୋ ଟୁକୁଡ଼ାଟି ଘୂରିବୁଲୁଥିଲା ସରସୀର ମନଜଗତରେ । ସରସୀ ଭାବୁଥିଲା - ମଣିଷ ନିରକ୍ଷର ହୋଇଥିଲେ ପ୍ରେମର ଭାଷା ବଦଳି ଯାଇଥାନ୍ତା ।

❖❖❖

Digitized by srujanika@gmail.com

ରୂପାନ୍ତର

ଅଫିସ୍‌ରେ ସେଦିନ ସମସ୍ତେ କଥାବାର୍ତ୍ତା ହେଉଥିଲେ ରାମେଶ୍ୱର ଗୋଟିଏ ଝିଅ ପ୍ରେମରେ ପଡ଼ି ମୁସଲ୍‌ମାନ ହୋଇଗଲା। ନିଜର ନାଁ ବଦଳେଇ ରାମେଶ୍ୱରରୁ ରହମନ୍ ହେଲା।

ରାମେଶ୍ୱର ସହିତ ସାଙ୍ଗସୁଖ ହେଉଥିବା କୌଣସି ବ୍ୟକ୍ତି ତାକୁ ଆଉ ଚା ପିଇବାକୁ ନିମନ୍ତ୍ରଣ କଲେ ନାହିଁ। ରାମେଶ୍ୱର ସବୁଦିନ ପରି ତା'ବେଶ ପୋଷାକ, ଅଫିସ୍‌କୁ ସାଇକେଲରେ ଚଢ଼ି ଆସିବା ବଦଳେଇ ପାରି ନ ଥିଲା। ଏଣିକି ସହକର୍ମୀମାନେ ତାକୁ ପୂର୍ବପରି ଦେଖୁ ନ ଥିବାର ସେ ଅନୁଭବ କଲା।

ରାମେଶ୍ୱର ଏବେ ବି ଅବିଚଳିତ। ସେ ଭାବୁଛି ସେ ଠିକ୍ କରିଛି। ଭାରତରେ ହିନ୍ଦୁ, ମୁସଲ୍‌ମାନଙ୍କ ରକ୍ତକୁ ନେଇ ଆଉ କେତେ ଦିନ ହୋଲି ଖେଳାଯିବ ? କେତେଦିନ ଧର୍ମର ରାଜନୀତି ଚାଲିବ ? ? ଏହାର ପୂର୍ଣ୍ଣଚ୍ଛେଦ ଦରକାର। ବିବେକର ଆହ୍ୱାନ ହିଁ ଆଜିର ଆହ୍ୱାନ। ସେ ମୁସଲମାନ୍ ହେଲା ବୋଲି ବିଧର୍ମୀ ନୁହେଁ ତ।

❖❖❖

Digitized by srujanika@gmail.com

ପାହାଡ଼ୀ ଝିଅ

ଫୁଲବାଣୀ ବସ୍‌ଷ୍ଟାଣ୍ଡ। ବସ୍ ଛାଡ଼ିବାକୁ କିଛି ସମୟ ବାକି। ବସ୍‌ରେ ସବୁ ଜିନିଷପତ୍ର ଲଦା ସରିଥାଏ। ଅଧ୍ୟାପକ ରମେଶ ମହାପାତ୍ର ବସ୍‌ରେ ବସି ଭାବୁଥାନ୍ତି ବିଗତ ଦୁଇବର୍ଷର ଫୁଲବାଣୀ ରହଣି କଥା।

.... ଅନେକ ସ୍ମୃତି। ସାଲୁଙ୍କି ନଈର କୁଳୁକୁଳୁ ନାଦ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ। କିଏ ଯେପରି କହୁଥାଏ ବଡ଼ ସହରକୁ ଚାଲିଯିବୁ ବାବୁ!। ଠିକ୍ ସେତିକି ବେଳେ ରିକ୍‌ସାରୁ ଓହ୍ଲାଇ ବସ୍ ଭିତରକୁ ଆସି ଖୋଜିଲା ଖୋଜିଲା ଆଖିରେ ଚାହିଁଲା। ବସ୍ ଭିତରେ ରମେଶ ବାବୁଙ୍କୁ ଦେଖି ତାଙ୍କ ପାଖକୁ ଆସି କହିଲା- "ସାର୍ ଆପଣଙ୍କର ଦୁଇଟି ବହି ମୋ ପାଖରେ ରହି ଯାଇଥିଲା, ନିଅନ୍ତୁ"।

ରମେଶ କହିଲେ- "ବହି ଦୁଇଟି ତୁମ ପାଖରେ ରଖି ନେଲନି! ପରେ ଦରକାରରେ ଆସିବ।"

-ନାଁ ସାର୍, ନାଁ ସାର୍, ଆପଣ ଯେବେ ଫୁଲବାଣୀ ଆସିଥିଲେ ସେତେବେଳେ କହୁଥିଲେ ନା "ଏ ପାହାଡ଼, ଏ ନଈ, ଏ କଲେଜ, ଏ ସହର ଆପଣଙ୍କୁ ଭଲ ଲାଗୁଚି ବୋଲି। ଏ କ'ଣ ଥିଲା ଆପଣଙ୍କର ମିଛ ଭାବପ୍ରବଣତା ?"

ବସ୍ ହର୍ଣ୍ଣ ଦେଇ ଫୁଲବାଣୀ ବସ୍ ଛାଡ଼ିଲା। ଝରକା କାଚରେ ରମେଶ ବାବୁ କେବଳ ଦେଖୁଥିଲେ ସେଇ ଝିଅଟିର କାନ୍ଦୁରା ମୁହଁଟିକୁ।

❖❖❖

Digitized by srujanika@gmail.com

ଶାମୁକାର ଶୋକ

କଟକର ସେଇ ନିଷିଦ୍ଧ ଗଳିରେ ତୁମକୁ ମୁଁ ଯେତେବେଳେ ଆବିଷ୍କାର କଲି, ତୁମେ ସେତେବେଳେ ଖୁବ୍ ଆଶ୍ଚର୍ଯ୍ୟ ହେଲ ନା ? ମୁଁ କିନ୍ତୁ ଥିଲି ଏକ ବାଟବଣା ବାଟୋଇ । ଖୋଜୁଥିଲି ଚିହ୍ନା ମଣିଷଟିଏ । ଯିଏ ମତେ ସମୁଦ୍ରର ଠିକଣା ଦେଇ ପାରିବ ।

ସେଦିନ ତୁମେ ମୋତେ ଅନେକ ପ୍ରଶ୍ନ ପଚାରିଥିଲ । ମୋ ଗାଁ, ମୋ ବାପା, ମୋ ପରମ୍ପରା । ମୁଁ କିନ୍ତୁ ନୀରବ ରହିଥିଲି । ତୁମେ ମୋତେ ଭୁଲ୍ ବୁଝିଥିଲ ସେଦିନ । ଆଉ କହିଥିଲ- ଫେରିଯାଅ ସିଦ୍ଧାର୍ଥ । ମୁଁ ଚାହେଁ ଜୀବନ । କିନ୍ତୁ ନିର୍ବାଣ ନୁହେଁ । ଜୀବନ ପରେ ମୃତ୍ୟୁ ଲୋକରେ ନିର୍ବାଣ ମିଳେ, କିନ୍ତୁ ଏ ସଂସାରରେ ନୁହେଁ ।

ମୁଁ ଆଖି ଖୋଲିଲା ବେଳକୁ ଝରକାର କାଚସବୁ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା, ଆଉ ଆକାଶର ରଂଗ ବି ବଦଳି ଯାଇଥିଲା, ଆଉ ଅନ୍ଧାର ଢାଙ୍କି ଦେଇଥିଲା ସାରା ସହରକୁ ।

❖❖❖

Digitized by srujanika@gmail.com

ଗାଈଆଳର ସ୍ୱପ୍ନ

ପାହାଡ଼ ଉପରକୁ ସୂର୍ଯ୍ୟ ଉଠୁ ଉଠୁ ଆକାଶଟା ଲାଲ୍ ରଂଗରେ ଧୋଇ ହୋଇଗଲା । ଗାଈଆଳ ପିଲାଟା ଚମକି ପଡ଼ିଲା । ଦେହରେ ରୋମାଞ୍ଚ ସୃଷ୍ଟିହୋଇଗଲା ତା'ଅଜାଣତରେ । କିଏ ତାକୁ କୋଇଲି କଣ୍ଠରେ ସତେ ଯେପରି ଡାକୁଛି– ଏତେ ଡେରି କାହିଁକି କାହ୍ନା । ସର ଲହୁଣୀ ଧରି ମା' ତମର ଦାଣ୍ଡ ଅର୍ଗଳି ପାଖରେ ଠିଆ ହୋଇଛନ୍ତି । କାହା ହାତର ସ୍ପର୍ଶରେ ଶିହରି ଉଠିଲା ଗାଈଆଳର ପ୍ରାଣ । ବଂଶୀର ସ୍ୱର ତା'ର ମୋଟେ ବନ୍ଦ ହେଉନାହିଁ । ଗୋପପୁର ବାଳକମାନଙ୍କ ବାରମ୍ବାର ନିମନ୍ତ୍ରଣ, ମା' ଯଶୋଦାଙ୍କ କୋଳ, ଆଉ ରାଧାରାଣୀର ସଂଗୀତରେ ଗାଈଆଳ ଭୁଲି ଯାଉଥିଲା ସଂଧ୍ୟା ହେଲାଣି ବୋଲି ।

Digitized by srujanika@gmail.com

ଡିମ୍‌ନାରେ ଗୋଟିଏ ସନ୍ଧ୍ୟା

ସନ୍ଧ୍ୟା ଆସିବାକୁ ଆହୁରି ଘଣ୍ଟାଏ ବାକି। କିନ୍ତୁ ପାହାଡ଼ ଛାଇରେ ଡିମ୍‌ନା ଲେକ୍‌ରେ ସନ୍ଧ୍ୟାର ଆଗମନ। ପିକ୍‌ନିକ୍ ପାର୍ଟିର କୋଳାହଳ, ବସ୍‌ଗୁଡ଼ିକର ହର୍ଣ୍ଣ ଆଉ ବେଶୀ ଶୁଣାଯାଉ ନାହିଁ। କାଁ ଭାଁ ଗୋଟେ-ଅଧେ ବସ୍ ଛାଡ଼ି ପାରିନାହିଁ।

ଛୋଟ ଝିଅ ରମ୍‌ନା। ବୟସ ଦଶ କି ବାର ହେବ। ଜହ୍ନ ଆଲୁଅରେ ଅନାବୃତ ଶରୀରର ଅନେକ ଅଂଶ ଦେଖାଯାଉଥାଏ। ଯେଉଁଠି ଯେଉଁଠି ପିକ୍‌ନିକ୍ ପାର୍ଟିଗୁଡିକର ରୋଷେଇ ହେଉଥିଲା ସେଠାରୁ ସେ କ'ଣ ସବୁ ଗୋଟାଉ ଥିଲା।

ଡିମ୍‌ନା ଲେକ୍‌ର ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ସାରିଥିଲେ ଅଧ୍ୟାପକ ଅବିନାଶ ଶର୍ମା। ସେ ତରତର ହେଉଥିଲେ ପରିବାର ଧରି ନିଜ କର୍ମ ସ୍ଥଳକୁ ଫେରିଯିବା ପାଇଁ।

ମାତ୍ର, ... ଏ କ'ଣ ! ରମ୍‌ନା ଦେହରୁ ଅବିନାଶ ଆଖି ଫେରାଇ ପାରୁନାହାନ୍ତି। ଏ କ'ଣ ଭଗବାନଙ୍କ ସୃଷ୍ଟି। ଅବିନାଶ ଭିତରେ ସେଇ ଛୋଟ ଝିଅଟି ସୃଷ୍ଟି କରିଥିଲା ଭାବାନ୍ତର। ରମ୍‌ନା ଆସି ଅବିନାଶ ବାବୁଙ୍କୁ ଟଙ୍କାଟିଏ ମାଗିଲା। ପକେଟରୁ ଟଙ୍କାଟିଏ ବଦଳରେ ପାଞ୍ଚଟଙ୍କିଆଟିଏ ଦେଇ ପଚାରିଲେ ତାକୁ- ଏଠି ତୋ'ର କିଏ ଅଛି ?

- ମୋ ପରିଚୟ ମୁଁ ଜାଣିନି ବାବୁ, ଯାଉଚି !

ଅନ୍ଧାର ଭିତରେ ରମ୍‌ନା କେତେବେଳେ ହଜି ଯାଇଛି, ତାକୁ ଖୋଜି ପାଇନାହାନ୍ତି ଅବିନାଶ।

❖❖❖

Digitized by srujanika@gmail.com

ଅଥଚ ମୂଷିକ

ନିତ୍ୟାନନ୍ଦବାବୁ ଗପଟିଏ ଲେଖିବା ପାଇଁ ପଢ଼ା ଟେବୁଲ୍ ପାଖରେ ବସିଲେ, ଭାବିଲେ, କ'ଣ ଲେଖିବି, ହଠାତ୍ ଖଟ୍ ଖଟ୍ ଶବ୍ଦରେ ଓଲଟିଗଲା ଭାବନାର ସୂତ୍ର।

ପତ୍ନୀ ଶାନ୍ତାଙ୍କ ବଡ଼ ପାଟି ତାଙ୍କ ଗଳ୍ପର ପ୍ଲଟକୁ ଗୋଳମାଳ କରିଦେଲା। ଭାବିଲେ ଆଉ ହେବନାହିଁ। ମୁଡ୍ ଚାଲିଗଲା।

ନିତ୍ୟାନନ୍ଦବାବୁ ଶାନ୍ତାଙ୍କ ପାଟି ଶୁଣି ବେଡ୍‌ରୁମ୍‌କୁ ପଶି ଆସିଲେ। ଦେଖିଲେ ଖଟ ଉପରେ ବସି ଶାନ୍ତା ଥରୁଛନ୍ତି ଏବଂ ଖାଲି ବହିଥାକ ଆଡ଼କୁ ହାତ ଠାରୁଛନ୍ତି, ମାତ୍ର କିଛି କହି ପାରୁ ନାହାନ୍ତି।

ସେଠାରେ ଛୋଟ ଛୋଟ ଦଶ/ବାରଟି ମୂଷା ଛୁଆ। କାହାର ଆଖି ଫିଟିନାହିଁ। ନିତ୍ୟାନନ୍ଦବାବୁ ପ୍ରଥମେ ମା'ମୂଷାକୁ ଖୋଜିଲା ବେଳେ ଦେଖିଲେ ସବୁ ମୂଲ୍ୟବାନ ବହିଗୁଡ଼ିକ ମୂଷା କାଟି ଦେଇଛି। ଏଥର ସେ ମୂଷା ଖୋଜା ଛାଡ଼ି ଦେଇ ରାଗରେ କୁନିକୁନି ମୂଷା ଛୁଆଗୁଡ଼ିକୁ ଗୋଟିଏ ଡାବଲ ଭିତରେ ନେଇ ପାଖ ନାଳରେ ଫୋପାଡ଼ି ଦେବାକୁ ବାହାରିଲେ। ହଠାତ୍ ତାଙ୍କର ମନେ ପଡ଼ିଲା ତାଙ୍କ ପିଲାଦିନର ସାଙ୍ଗ ରବି, ଏମିତି ମୂଷା ଛୁଆଙ୍କୁ ମାରିଥିଲା ବୋଲି ସେ ଦରିଦ୍ର ହୋଇଗଲା।

ନାଁ ନାଁ ଆଉ ମାରିବିନି। ସେ କଦାପି ଏମାନଙ୍କୁ ମାରି ପାରିବନି। କିନ୍ତୁ ପତ୍ନୀଙ୍କର ଭୟାତୁର ଅବସ୍ଥାକୁ ଦୂରକରିବା ପାଇଁ ସେ ମୂଷାଛୁଆ ଗୁଡ଼ିକୁ ପାଚେରୀ ସେପଟେ ଛାଡ଼ିଦେଲେ।

ରାତିସାରା ସେ ଛଟପଟ ହେଉଛନ୍ତି କେଉଁ ଏକ ଅଜଣା ଆଶଙ୍କାରେ। ତାଙ୍କ ଚାରିପଟେ ଶହଶହ ମୂଷାଛୁଆଙ୍କ ପଟୁଆର।

❖❖❖

Digitized by srujanika@gmail.com

ଭଙ୍ଗା ଆଇନା ଚରିତମ୍

ଆଇନା ସମ୍ମୁଖରେ ଠିଆ ହୋଇ ସରିତା ଭାବୁଥିଲା ସେ ଯେତିକି ସୁନ୍ଦର ଏ ଆଇନା ତାକୁ ଆହୁରି ସୁନ୍ଦର କରିଦେଇଛି । ସେ ଭାବେ ଏ ଆଇନା ସହିତ ବସି ଏକାନ୍ତରେ କଥା ହୁଅନ୍ତା

କଲେଜ ପଢ଼ା ସାଥୀ ରାଜୁ ଥିଲା ତା'ପାଇଁ ବହୁତ୍ ସୁନ୍ଦର । ଅନେକ ସ୍ୱପ୍ନ ବି ଥିଲା । କିନ୍ତୁ ବାପା ବଡ଼ ଚାକିରୀ ଦେଖି ରମେଶ ସହିତ ତା'ର ବାହାଘର କରିଦେଲେ । ଏବେ ଘରେ ବସି ବସି ତାକୁ ବୋର୍ ଲାଗିଲାଣି ।

ନାଁ ନାଁ ଦିନେ ରମେଶକୁ ସେ କହିଦେବ- ଏ ହୃଦୟଟା ରାଜୁ ପାଖରେ ବନ୍ଧା ପଡ଼ିଛି । ଏଠି ଏମିତି ସେ ଅଣ ନିଃଶ୍ୱାସୀ ହୋଇ ଆଉ ରହି ପାରିବନି ।

ହଠାତ୍ ଆଇନାଟା ହାତରୁ ତଳେ ପଡ଼ି ଚୂର୍‌ମାର୍ ହୋଇଗଲା । କାଚଖଣ୍ଡ ସବୁ ଗୋଟାଇଲା ବେଳକୁ ରମେଶ ସେଠାରେ ପହଞ୍ଚି ଯାଇଥିଲା ଏବଂ ଡିଭୋର୍ସ ପେପର୍‌ଟି ସରିତା ହାତରେ ଧରାଇ ଦେଇଥିଲା ।

❖❖❖

Digitized by srujanika@gmail.com

ସୂର୍ଯ୍ୟାସ୍ତ ପୂର୍ବରୁ

ରାମହରିବାବୁ ଦୀର୍ଘ ପଇଁତ୍ରିଶବର୍ଷ ଚାକିରି କରି ଅବସର ନେବା ଦିନ ସହକର୍ମୀମାନେ ଅଜାଡି ଦେଇଥିଲେ ପ୍ରଶଂସା ଓ ଉପହାର।

ସେ ଦିନର ସ୍ମୃତିକୁ ବାରମ୍ବାର ମନେପକାଉଥିଲେ ରାମହରିବାବୁ। ପ୍ରଥମେ ଯେଉଁଦିନ ଚାକିରିରେ ଜଏନ୍ କରିଥିଲେ, ସେଦିନର ସ୍ମୃତି ଥିଲା ତାଙ୍କପାଇଁ ନିଆରା।

ସେଇ ଏକା ଅଫିସ୍‌ରେ କାମ କରୁଥିଲା ଚାରୁ। ପରେ ଉଭୟେ ପରସ୍ପରକୁ ଭଲପାଇ ବିବାହ କରିଥିଲେ। ସେଥିପାଇଁ ରାମହରି ବାବୁଙ୍କୁ ତାଙ୍କ ପରିବାର ସହିତ କମ୍ ସଂଗ୍ରାମ କରିବାକୁ ପଡ଼ି ନଥିଲା।

ଅଳ୍ପ କେତେଟା ବର୍ଷର ଦାମ୍ପତ୍ୟ ଜୀବନ। ଚାହୁଁ ଚାହୁଁ ଚାରୁ ସୁନାକରକୁ ଜନ୍ମଦେଇ ଚାଲିଗଲା ଆରପାରିକୁ। ସୁନାକର ଏବେ ଆମେରିକାରେ ଇଂଜିନିୟର। ଏକାକୀ ବସିଲାବେଳେ ରାମହରିଙ୍କ ଚାରୁକଥା ବେଶୀ ମନେପଡ଼େ।

କୁହୁଡ଼ି ଭିତରେ ରାସ୍ତା ଖୋଜି ନପାଇଲା ପରି ରାମହରିବାବୁ ଦୀର୍ଘ ପଇଁତ୍ରିଶବର୍ଷର ଚାକିରୀ ଜୀବନ ଭିତରେ ଯେଉଁ ରାସ୍ତା ଦେଖିଥିଲେ ତାହାକୁ ସେ ପାଉନାହାନ୍ତି।

Digitized by srujanika@gmail.com

ନିଃଶବ୍ଦ ସଂଳାପ

ସଫା ଜହ୍ନରାତି । ନିର୍ଜନତା ଭିତରେ ସତ୍ୟାନନ୍ଦ କୋଣାର୍କର ପାଦଦେଶରେ ଥିବା ଚକ ପାଖରେ ବସିଥିବା ବେଳେ କାହାର ଗୋଟାଏ ହାତର ସ୍ପର୍ଶ ଅନୁଭବ କଲେ । ପଛକୁ ଫେରି ଚାହିଲେ ସତ୍ୟାନନ୍ଦ ।

ଜହ୍ନ ଆଲୁଅରେ ନୃତ୍ୟରତା ନାରୀଟିଏ ଛିଡ଼ା ହୋଇଛି । ଭଂଗୀରେ ତା'ର ନିମନ୍ତ୍ରଣର ମୁଦ୍ରା ।

ବିସ୍ମିତ ହେଲେ ନାହିଁ ସତ୍ୟାନନ୍ଦ । ସକାଳେ ଯେଉଁ ପଥର ମୂର୍ତ୍ତି ପାଖରେ ଛିଡ଼ା ହୋଇଥିଲେ, ସେଠାରେ ଜଣେ ବଂଗୀୟ ଯୁବତୀ ତାଙ୍କୁ ଚାହୁଁଥିଲେ । ସତେ ଯେପରି ସେ ଚାହାଣୀରେ ଥିଲା ଭିନ୍ନ ଏକ ଆମନ୍ତ୍ରଣ ।

ଇଏତ ସେହି ବଂଗୀୟ ଯୁବତୀ । ନା-ନା, ଏତେ ରାତିରେ । ପୁଣି ଚାରିଆଡ଼େ ନିଃଶବ୍ଦ ।

❖❖❖

Digitized by srujanika@gmail.com

ଆତତାୟୀର ଅଶ୍ରୁ

ସୀମାନ୍ତର ଏକ ଘନ ଜଙ୍ଗଲ। ମାଟିରେ ସୂର୍ଯ୍ୟକିରଣ ପଡ଼େନାହିଁ। ଅଣ ନିଃଶ୍ୱାସୀ ହୋଇ ଧାଉଁଛି ସୁବାଦାର ନାୟକ ରତିକାନ୍ତ ସିଂ। ସଂଧ୍ୟା ପୂର୍ବରୁ କ୍ୟାମ୍ପରେ ପହଞ୍ଚିବାକୁ ପଡ଼ିବ।

ଗୋଡ଼ରେ କ'ଣ ଗୋଟାଏ ବାଜିବାରୁ ଝୁଣ୍ଟିପଡ଼ିଲା ରତିକାନ୍ତ। ହାତ ଟିପି ଦେଖିଲା ଗୋଟାଏ ମଣିଷ। ମରିଯାଇଛି। ଶତ୍ରୁପକ୍ଷର ସୈନ୍ୟ ବୋଧେ। ପାକିସ୍ତାନୀ ପତାକାକୁ ଧରି ମାଟି କାମୁଡ଼ି ପଡ଼ିଛି।

ଶବଟିକୁ ଓଲଟାଇ ରତିକାନ୍ତ ଦେଖିଲା ବୟସ ୨୦ ଭିତରେ। ଏଁ -ଦେଶପାଇଁ ଏତେ ଭକ୍ତି ! କେଡ଼େ କଞ୍ଚା ବୟସ। ତାଙ୍କ ସାନପୁଅ ସରୋଜ ବୟସର। ସରୋଜର ଦଶମ ଶ୍ରେଣୀ। ସରୋଜର ଚେହେରା ରତିକାନ୍ତ ଆଖିଆଗରେ ନାଚି ଉଠିଲା। କାହିଁ କେତେଶହମାଇଲ ଦୂରରେ ତା'ର ପିଲାଛୁଆ।

ସେଇଠି ଆଣ୍ଠୁମାଡ଼ି ବସି ହାତଯୋଡ଼ି ରତିକାନ୍ତ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନାକଲା- 'ହେ ପ୍ରଭୁ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅ'। ଏତିକି କହୁକହୁ ରତିକାନ୍ତ ଆଖିରୁ ଦୁଇଟୋପା ଲୁହ ସେହି ଶବ ଉପରେ ନିଗିଡ଼ି ପଡ଼ିଲା।

❖❖❖

Digitized by srujanika@gmail.com

ନୂଆବର୍ଷ

ନୂଆବର୍ଷର ପ୍ରଥମ ଦିନ। ସଂଧ୍ୟାବେଳକୁ ଅଧ୍ୟାପକ ରାଧାଗୋବିନ୍ଦ ଘରକୁ ପଶୁପଶୁ ଦେଖିଲେ ଡ୍ରଇଁରୁମ୍ କାନ୍ଥରେ ପୁରୁଣା ବର୍ଷର କ୍ୟାଲେଣ୍ଡର।

ବଡ଼ପାଟିରେ ସ୍ତ୍ରୀ ଅନୀତାକୁ ଡାକି କହିଲେ- "କିହୋ। ଅନୀତା ଦେବୀ, ତମ ପାଇଁ କ'ଣ ନୂଆବର୍ଷ ଆସିନି ?" ନିଜେ ରାଧାଗୋବିନ୍ଦ କାନ୍ଥରୁ କ୍ୟାଲେଣ୍ଡରଟା ବାହାର କଲାବେଳକୁ ସେଥିରେ ନାଲିକାଳିରେ ଗୋଲ୍ ବୁଲେଇଥିବା ନଭେମ୍ବର ସତର ତାରିଖଟି ଆଖିରେ ପଡ଼ିଲା।

ଏହି ନଭେମ୍ବର ସତର ତାରିଖ। ରାଧାଗୋବିନ୍ଦଙ୍କ ଜୀବନର ଏକ ସ୍ମରଣୀୟ ଦିନ। ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଫେସରଭାବେ ଜଏନ୍ କରିଥିଲେ।

-ଏଥର ରାଧାଗୋବିନ୍ଦଙ୍କ ହାତ ପଛକୁ ଫେରି ଆସିଲା। ନା- ନା, ନୂଆବର୍ଷ ଆସିଲେ ବି ସେ ପୁରୁଣା ବର୍ଷକୁ ଛାଡ଼ି ପାରିବେନି ବରଂ ପ୍ରତ୍ୟେକ ନୂଆବର୍ଷ ତାଙ୍କ ପାଇଁ 'କୋରା କାଗଜ'।

❖❖❖

Digitized by srujanika@gmail.com

ସେଇ ନାରୀଟି

ପୁରୀ ବେଳାଭୂମି । ସୂର୍ଯ୍ୟାସ୍ତ ସମୟ । ମାନସବାବୁ ପୁଅ ବିଚିତ୍ରକୁ ନୀଳ ସମୁଦ୍ର ଆଡ଼କୁ ହାତ ଦେଖାଇ କହୁଥିଲେ- ଦୂରରେ, ବହୁଦୂରରେ । ଠିକ୍ ଆମ ଘରଠାରୁ ରବିଟକିଜ୍ ପର୍ଯ୍ୟନ୍ତ ଯେତେବାଟ, ତା'ଠାରୁ ବେଶୀ ଦୂରରେ ଏ ଅକାଶ ସହିତ ସମୁଦ୍ର ମିଶିଛି ।

-କିଛି ଦୂରରେ ସମୁଦ୍ର କୂଳ ବାଲିରେ ଜଣେ ବଙ୍ଗୀୟ ନାରୀ ସମୁଦ୍ର ଆଡ଼କୁ ଅନେଇ ବସିଥିଲେ । ବାଲିରେ ଗାର କାଟୁଥିଲେ । ଖୁବ୍ ସୁନ୍ଦରୀ । ଷ୍ଟିଲ୍ ଫ୍ରେମର ଚଷମା ଭିତରେ ଦୁଇଟି ଆଖି ନୀଳକଢ଼ି ପରି ଢଳଢଳ ହେଉଥିଲା ।

...ସମୁଦ୍ର ଢେଉ ସେହି ନାରୀର ବାରମ୍ବାର ଚରଣ ଛୁଇଁ ଫେରି ଯାଉଥିଲା ସନ୍ତର୍ପଣରେ । ସତେ ଯେପରି କ'ଣ କହିବାକୁ ଚାହୁଁଥିଲା ଆଉ ପାରୁ ନ ଥିଲା ।

...ସମସ୍ତଙ୍କ ଆଖି ସେଇଠି । ବେଳାଭୂମିରେ ଗହଳି ସେଇଠି ଜମି ଆସୁଥିଲା । ମାନସବାବୁ ବେଳାଭୂମିର ନିଃଶବ୍ଦ ସ୍ୱର ଶୁଣିପାରୁଥିଲେ- "ହେ ସୁନ୍ଦରୀ ! ତୁ କଲିକତା ଫେରି ଯାଆନା, ମୋ କୋଳ ଶୂନ୍ୟ ହୋଇଯିବ । ନିର୍ଜନତା ମୁଁ ସହି ପାରିବିନି, ତୋ ଚରଣ ଛୁଇଁ ପ୍ରଣାମ କରୁଛି ।"

-ମାନସବାବୁ କ୍ୟାମେରା ଆଡ୍‌ଜଷ୍ଟ କରୁଥିଲେ ସେହି ଦୃଶ୍ୟର ସ୍ନାପ୍ ନେବା ପାଇଁ । ହଠାତ୍ ଦୁଇଟା କୁକୁର ପରସ୍ପର କାମୁଡ଼ା କାମୁଡ଼ି ହୋଇ ମାଡ଼ି ଯାଇଥିଲେ ସେଇ ଆଡ଼କୁ ।

❖❖❖

Digitized by srujanika@gmail.com

ପାନ୍ଥନିବାସରେ ଗୋଟିଏ ରାତି

ଏପ୍ରିଲ୍ ମାସର ଜହ୍ନରାତି । ସୁବୋଧ ମହାପାତ୍ର ପାନ୍ଥନିବାସର କରିଡରରେ ବସି ସମୁଦ୍ରର ଜୁଆରକୁ ଦେଖୁଛନ୍ତି । ଜୁଆର ବାରମ୍ବାର ଆସୁଛି ଶେଷହୀନ ଆଶା ପରି । ସମୁଦ୍ରର ଗର୍ଜନ ସାଙ୍ଗକୁ ଝାଉଁ ବଣରେ ପବନର ସ୍ୱର ଗାଈଆଳ ପିଲାର ବଂଶୀସ୍ୱନ ପରି ତାଙ୍କୁ ମନେ ହେଉଛି ।

-ଏ ସ୍ୱର ସହିତ ସେ ଅନେକ ବର୍ଷ ପୂର୍ବରୁ ପରିଚିତ । ନର୍ମଦା ଥିଲେ ଜିଦ୍ କରିଥାଆନ୍ତା, ଚାଲ ସେହି ଗାଈଆଳ ପିଲାଟିର ବଂଶୀସ୍ୱନ ଶୁଣିବା । ତାକୁ ପାଖକୁ ଡାକିବା ଆଉ ପଚାରିବା ସେ କିପରି ବଂଶୀ ବଜାଉଛି ।

-ସ୍ମୃତିଭିତରେ ହଜି ଯାଉଥିଲେ ସୁବୋଧ । ଆଜକୁ ପାଞ୍ଚବର୍ଷ ତଳେ ନର୍ମଦା କାର୍ ଦୁର୍ଘଟଣାରେ ଚାଲି ଯାଇଛନ୍ତି । ଖାଲି ତାଙ୍କ କଣ୍ଠ ସ୍ୱରଟା ଝାଉଁବଣ ପବନ ସହ ମିଶି ସୁବୋଧଙ୍କ କାନରେ ବାରମ୍ବାର ବାଜୁଛି ।

❖❖❖

Digitized by srujanika@gmail.com

ନିଷିଦ୍ଧ ଇଲାକା

ତ୍ରିତଳ ପ୍ରାସାଦର ବାଲ୍‌କୋନୀରେ
ବସି ଜଗବନ୍ଧୁରାୟ ସହରର କଂକ୍ରିଟ୍ ରାସ୍ତାକୁ
ଚାହିଁଛନ୍ତି । ଗାଡ଼ିମୋଟରର କର୍ଣ୍ଣଫଟା ଗର୍ଜନ ।
ଶିଶୁଠୁ ବୃଦ୍ଧ-ବୃଦ୍ଧା, ତରୁଣ ତରୁଣୀମାନଙ୍କୁ
ଦେଖି ସେ ଭାବୁଛନ୍ତି ସହରଟା ନିର୍ଜନ ହୋଇ
ଯାଆନ୍ତା କି ? ସେ ରାସ୍ତାକୁ ଓହ୍ଲେଇ ଚାଲି
ଯାଆନ୍ତେ । ଆଉ ସବୁ ଲୋକଙ୍କୁ କହନ୍ତେ
କଂକ୍ରିଟ୍ ରାସ୍ତାରେ ଚାଲିଲେ କେହି ସଭ୍ୟ
ହୋଇ ଯାଆନ୍ତି ନାହିଁ ।

-କାହିଁ ତାଙ୍କ ଅଜା ତ ଜୀବନ ସାରା
ମାଟି ଧୂଳି ରାସ୍ତାରେ ଚାଲିଥିଲେ । କେବେ
ବି ତ ଥକି ପଡ଼ି ନାହାନ୍ତି । ତା'ହେଲେ
ଏବେକାର ଲୋକମାନଙ୍କର ଏତେ
ଅହଂକାର କାହିଁକି ?

-ଜଗବଂଧୁବାବୁ ଆଉ ବେଶୀ
ଭାବିବା ପୂର୍ବରୁ ସହରର କଂକ୍ରିଟ ରାସ୍ତା
ଅନ୍ଧାରରେ ଆଉ ଦେଖା ଯାଉ ନ ଥିଲା ।

❖❖❖

Digitized by srujanika@gmail.com

ଦୃଶ୍ୟାନ୍ତର

ସଂଜ ଅନ୍ଧାର ସହରକୁ ମାଡ଼ି ଆସିଲାପରେ ସହରର ଶେଷପ୍ରାନ୍ତ ବସ୍ତିରେ କୋଳାହଳ ଶୁଣାଯାଏ। କ୍ରମଶଃ କୋଳାହଳ ବଢ଼ିଚାଲେ। କୁଡ଼ିଆର ଦୁଆର ଝରକା ବନ୍ଦ ହୋଇଯାଏ। କ'ଣ ଘଟେ ସେଥିପ୍ରତି କାହାର ନଜର ନଥାଏ।

ସତେ ଯେପରି ବସ୍ତିଟି ନୂଆ ଜୀବନ ପାଇ ଫେରି ଆସିଛି। ସମସ୍ତେ ରୋଜଗାର ପାଇଁ ବ୍ୟସ୍ତ। ବାପ, ମା', ଭାଇ, ଭଉଣୀର ବାଛ ବିଚାର ନାହିଁ। ଟଙ୍କାର ନିଶାରେ ମତୁଆଲା ହୋଇ ପଡ଼ିଛି ସମଗ୍ର ବସ୍ତିଟି।

ହଠାତ୍ ଏକ ଅନୂଢ଼ା ବାଳିକାର କ୍ରନ୍ଦନ ବସ୍ତିର ନୀରବତାକୁ ବିପର୍ଯ୍ୟସ୍ତ କରିଦେଲା। ପୋଲିସ୍‌ର ନାଲିବତୀ ଗାଡ଼ିର ଆଗମନ ହରିଣ ପଞ୍ଝାରେ ବାଘ ପଶିଗଲା ପରି ଧାଁ ଦଉଡ଼ରେ ବସ୍ତିଟି ଏକରକମ ବାତ୍ୟା ବିଧ୍ୱସ୍ତ ଜନବସତିରେ ପରିଣତ ହୋଇଗଲା।

-ସକାଳୁ ସେହି ବସ୍ତିଟି ପୋଡ଼ି ପାଉଁଶ ହୋଇ ଯାଇଥିଲା। ସେଠାରେ ସରକାର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏକ ପାର୍କ ନିର୍ମାଣ କରିବାର ଯୋଜନା କରିଥିଲେ।

❖❖❖

Digitized by srujanika@gmail.com

ଅସ୍ତରାଗର ସୂର୍ଯ୍ୟ

......। ଦୀକ୍ଷିତ୍ ସାର୍। ମନୀନ୍ଦ୍ର ନାଥ ଦୀକ୍ଷିତ୍। ମୋ ସ୍କୁଲ ପଢ଼ା ସମୟର ଶିକ୍ଷକ। ସେ ଥିଲେ ଆମ ଜିଲ୍ଲାର ପ୍ରଥମ ଗ୍ରାଜୁଏଟ୍। ଯେଉଁଦିନ ବି.ଏସ୍.ସି. ପରୀକ୍ଷାଫଳ ବାହାରିଲା ସେ ଦିନ କେତେ କନ୍ୟାପିତା ଆସିଥିଲେ ଅନେକ ଯାଚଞ୍ଚା ନେଇ। କେତେ ଲଲିସିଖିଆ ଚାକିରିର ନିଯୁକ୍ତି ଲୋଭ ମଧ୍ୟ। ସବୁକୁ ପଛରେ ପକେଇ ସେ ବିବାହ କରିଥିଲେ ଜଣେ ସାଧାରଣ କୃଷକର ଝିଅକୁ। ଗାଁ ପାଖ ସ୍କୁଲରେ ବିଜ୍ଞାନ ଶିକ୍ଷକ ହେଲେ। ମଣିଷ ଗଢ଼ିବା ଥିଲା ଜୀବନର ବ୍ରତ। ସେ ମାଙ୍କଡ଼କୁ ମଣିଷ, ଆଉ ମଣିଷକୁ ଭଲମଣିଷ କଲେ।

ଦୀକ୍ଷିତ୍ ସାର୍ ଆମ ଜିଲ୍ଲାର ଶହଶହ ଛାତ୍ରଛାତ୍ରୀଙ୍କ ପାଖରେ ଦେବତା ହୋଇ ରହିଲେ।

ଯେଉଁଦିନ ସରକାର ତାଙ୍କୁ ଅବସର ପାଇଁ ଚିଠିଟିଏ ପଠେଇଲେ, ସେ ଦିନ ଠାରୁ ଦୀକ୍ଷିତ୍ ସାର୍ ଆଠ ଦିନ ଭାତ ଛୁଇଁ ନଥିଲେ। ଅବସର ଦିନ ସକାଳଟା କେମିତି ନୂଆ ନୂଆ ଲାଗୁଥିଲା। ଦୂର ଦିଗ୍‌ବଳୟଟା ତାଙ୍କୁ ଧୂସର ଲାଗୁଥିଲା। ସ୍କୁଲ ପଡ଼ିଆର ବାଲି ଉଡ଼ି ସତେ ଯେପରି ତାଙ୍କ ଆଖି ବନ୍ଦ କରି ଦେଇଥିଲା।

ଭୋ-ଭୋ କାନ୍ଦି ଉଠିଲେ ଦୀକ୍ଷିତ୍ ସାର୍।

-ତା'ପରେ ଆଉ ଦୀକ୍ଷିତ୍ ସାର୍‌ଙ୍କୁ କେହି ଦେଖି ନାହାନ୍ତି। କେହି କେହି କହନ୍ତି ଦୀକ୍ଷିତ୍‌ସାର୍ ବୃନ୍ଦାବନ ପଳାଇଛନ୍ତି।

❖❖❖

Digitized by srujanika@gmail.com

ପରିବର୍ତ୍ତନ

ଏଇ କିଛି ଦିନ ହେବ ମୋ ନିଜ ଭିତରେ କେମିତି ଗୋଟେ ପରିବର୍ତ୍ତନ ମୁଁ ଅନୁଭବ କରୁଛି। ମୁଁ ଚାହୁଁନଥିଲି ମୋର କିଛି ପରିବର୍ତ୍ତନ ଘଟୁ। ଜୀବନସାରା ଏକ ନିର୍ଦ୍ଦିଷ୍ଟ ନିୟମରେ ଜୀବନ ବିତେଇବା ମଣିଷ ପାଇଁ ଏକ ପରାଭବ। ମୃତ୍ୟୁ ବରଂ ଶ୍ରେୟସ୍କର।

ରାମହରି ବେଶି ଭାବି ଟେନ୍‌ସନ୍ ନ ନେବାକୁ ଡାକ୍ତର ବାରମ୍ବାର ତାଗିଦ୍ କରି ଦେଇଛନ୍ତି। ତଥାପି ମନ ବୁଝୁନାହିଁ। ବାପର ବଡ଼ପୁଅ। ପୁଣି ଜଣେ ଆଦର୍ଶ ଶିକ୍ଷକର ପୁଅ। ସେ ପୁଣି ଭିନ୍ନ ଜାତିର ଝିଅକୁ ପ୍ରେମ କରି ବିବାହ କରିବାକୁ ଜିଦ୍ କରିବ ? ?

ସ୍ତ୍ରୀ ରିମାର ଏକା ଜିଦ୍ ପୁଅ କଥାରେ ବାହାଘର ହେଉ। ଅମୁକ ପୁଅ ତ ପୁଣି ଜଣେ ଆଇ.ଏ.ଏସ୍.ଙ୍କ ପୁଅ। ସେ ପୁଣି କେମିତି ବାହାହେଲା ?

-ରତିକାନ୍ତ ଯୁଗକୁ ଅନେଇଲା। ମାଟିରୁ ପାଣି ଶୁଖିବାକୁ ଆରମ୍ଭ କଲାଣି। ମାଟି ମା' ଧର୍ଷିତା। କିଏ ଚିନ୍ତା କରୁନାହାନ୍ତି ମାଟି ମା'ର କଥା। ରତିକାନ୍ତ ଚାହିଁଲେ ଆକାଶକୁ। ଆକାଶର ରଂଗ ବଦଳି ଯାଇଛି।

ଏ ପରିବର୍ତ୍ତନକୁ ସେ ସ୍ୱାଗତ ନ କଲେ ସେ ଅଲୋଡ଼ା ହୋଇଯିବେ। ତାଙ୍କୁ ରାକ୍ଷସ କହି ଦୂରକୁ ଫିଙ୍ଗି ଦେବେ।

-ନା, ନା ସେ ସିଦ୍ଧାନ୍ତ ନେଇଛନ୍ତି ବାହାଘର କରିବେ, ଆଉ ସ୍ୱାଗତ କରିବେ ଧ୍ୱଂସକୁ। କାରଣ ଧ୍ୱଂସ ନ ହେଲେ ସୃଷ୍ଟି ସମ୍ଭବ ନୁହେଁ।

❖❖❖

Digitized by srujanika@gmail.com

ନିଜକୁ ବାଦ୍‌ଶାହା ମନେକରି

ସଂପଦବାବୁ ଖୁସି ମିଜାଜର ଲୋକ। ବଂଧୁମେଳି ଠାରୁ ଅଫିସ୍‌ର ସହକର୍ମୀମାନଙ୍କ ପର୍ଯ୍ୟନ୍ତ ସଂପଦବାବୁ ମଜାକଥା କହି ସମସ୍ତଙ୍କ ମନକୁ କେବଳ ହାଲକା କରନ୍ତି ନାହିଁ, ଗୀତାର ମହତ୍‌ବାଣୀ ମଧ୍ୟ ଶୁଣାନ୍ତି।

ଋଣ କରି ରାଜଧାନୀରେ ଛୋଟିଆ ଘରଟିଏ କରିଛନ୍ତି। ତଥାପି ସବୁବେଳେ ହସ ହସ ମୁହଁ।

ସେଦିନ ସରୋଜବାବୁ ସଂପଦବାବୁଙ୍କୁ ଗୋଟାଏ ଖବର ଦେଲେ। ସମ୍ବଲପୁରରେ ଜଣେ ସହକର୍ମୀ ବ୍ୟାଙ୍କଋଣ ଦେଇ ନପାରି ଆତ୍ମହତ୍ୟା କରିଛି।

ସଂପଦବାବୁ ଏକଥାକୁ ସହଜରେ ଗ୍ରହଣ କଲେନାହିଁ। ସେ କହିଲେ- 'ନରତ୍ୱଂ ଦୁର୍ଲ୍ଲଭଂ ସଦା.....' ମଣିଷ ଏଠାକୁ ମରିବାକୁ ଆସିନାହିଁ, ବଂଚିବାକୁ ଆସିଛି।

-କିନ୍ତୁ ଯେଉଁଦିନ ସ୍ତ୍ରୀ-ରୋଜାଲିନ୍‌ର ମେଜର ଅପରେସନ୍ ପାଇଁ ଏକଲକ୍ଷ ଟଙ୍କା ଯୋଗାଡ଼ କରିପାରିଲେନି, ସେଦିନ ସେ ଭାଙ୍ଗି ପଡ଼ିଲେ। ରୋଜାଲିନ୍‌ର ମୃତ୍ୟୁରେ ବିଚଳିତ ହୋଇ ପଡ଼ିଲେ। ଶେଷରେ ନିଷ୍ପତ୍ତି ନେଲେ ସବୁ ସଂପତ୍ତି ବିକିଦେଇ ରୋଜାଲିନ୍ ନାଁରେ 'ରୋଜା ଭିଲା ସ୍ମୃତି' ମନ୍ଦିରଟିଏ କରି ହିମାଳୟ ଚାଲିଯିବେ ଆର ଜନ୍ମରେ ମିଳନ ପାଇଁ।

❖❖❖

Digitized by srujanika@gmail.com

ଛାଇ

କିଏ ତୁମେ? କାହାକୁ ଖୋଜୁଛ? ପଛକୁ ଫେରି ଚାହିଁଲେ ସନ୍ତୋଷ ଶର୍ମା। ରିଟାୟାର୍ଡ ଆଇ.ଏ.ଏସ୍. ଅଫିସର। ଭୟ ଲାଗିଲା ତାଙ୍କୁ। ନିର୍ଜନ ଅଟ୍ଟାଳିକା, ନିଜକୁ ନିର୍ଭୟ କରିବାକୁ ଚେଷ୍ଟା କଲେ। ତଥାପି ଛାଇଟା ପାଖେଇ ଆସୁଥାଏ। ଆଖିରେ ଚଷମା। ହାତରେ ଗୋଟେ ମୋଟା ବହି।

ତମେ! ସଂଜୟ ସାକ୍ସେନା? ଓଃ! ଅଧ୍ୟାପକ ସଂଜୟ ସାକ୍ସେନା। ତମେ କ'ଣ ଏବେ ଜୟପୁର ସରକାରୀ କଲେଜରେ? କ'ଣ ଚାହଁ ବଦଳି? କେଉଁଠାକୁ? ରାଜଧାନୀ ନା କଟକକୁ?

-ସେଦିନ ସଂଜୟ ସାକ୍ସେନାଙ୍କ ବଦଳି ହୋଇଥିଲା ରାଜଧାନୀରୁ ଜୟପୁର। ବିଚରା କେତେ ନେହୁରା ହୋଇଥିଲା ବଦଳିକୁ କ୍ୟାନ୍‌ସଲ୍ କରିବାକୁ। ସ୍ତ୍ରୀ ସଂଜୁ ଥିଲା ପାରାଲିସିସ୍ ପେସେଣ୍ଟ।

-ରିଟାୟାର୍ଡ କରିବାକୁ ଦୁଇଦିନ ବାକି। ସନ୍ତୋଷ ଶର୍ମା ଖବର କାଗଜରୁ ଜାଣିବାକୁ ପାଇଲେ ସଂଜୟ ସାକ୍ସେନା ଆତ୍ମହତ୍ୟା କରିଚି।

ଆସ୍ତେ ଆସ୍ତେ ସନ୍ତୋଷ ଶର୍ମାଙ୍କ ଦେହରେ ପୁଣି ମିଶିଗଲା। ସନ୍ତୋଷ ଶର୍ମା ଅଚେତ ହୋଇ ପଡ଼ିଲେ।

❖❖❖

Digitized by srujanika@gmail.com

ଏକ ମଣ୍ଡୁକ ଉପାଖ୍ୟାନ

ଦେବଦତ୍ତ ସିଂହ ଓଡ଼ିଶା ସେକ୍ରେଟାରୀଏଟ୍‌ର ଜଣେ ଉଚ୍ଚ ପଦସ୍ଥ ଅଫିସର। ତାଙ୍କର ଦାମୀ କାର୍, ମୋଟା ଅଙ୍କର ବ୍ୟାଙ୍କ ଜମା। ଭୁବନେଶ୍ୱରରେ ଦୁଇ ଦୁଇଟା ସୁରମ୍ୟ ଅଟ୍ଟାଳିକା। ଏ ସବୁ କଥା ଭାବିଲେ ଦେବଦତ୍ତଙ୍କ ଦେହ ମନ ଉଲ୍ଲସିଉଠେ। ସ୍ୱପ୍ନରେ ଆଖି ନୀଳ ହୋଇଯାଏ। ଅତୀତର ସେହି ଅଭାବ ଅନଟନ ଓ ସମସ୍ତ ଦୁଃଖକୁ ସେ ଆଜି ସଂପୂର୍ଣ୍ଣ ପାଶୋରି ଦେଇଛନ୍ତି। ନୂଆ ଆଭିଜାତ୍ୟର ସ୍ୱାଦରେ ଏବେ ନିଜ ଗାଁ ନାଁ ମଧ୍ୟ ମନେ ପଡ଼େନା। ପିଲାଦିନର ଗାଁ ସ୍କୁଲ ସାଙ୍ଗସାଥୀ ମଧ୍ୟରୁ କିଏ କେଉଁଠି ମାଷ୍ଟର, ବ୍ୟାଙ୍କ୍ କିରାଣୀ କିମ୍ୱା ଅତିବେଶୀରେ ସରକାରୀ କଲେଜର ଅଧ୍ୟାପକ। ଅତୀତର ଦାରିଦ୍ର୍ୟ ଜୀବନର ସାକ୍ଷୀ ବାପା-ମା' କେବେଠୁ ସ୍ୱର୍ଗରେ।

ଦେବଦତ୍ତ ଆଜି ବହୁ ଉପରେ। ଏକଥା ଭାବିଲେ ଦେବଦତ୍ତଙ୍କ ଛାତି ଗର୍ବରେ ଫୁଲିଉଠେ। ହଠାତ୍ ସେଦିନ ଦେବଦତ୍ତ ଖବର ପାଇଲେ ତାଙ୍କ ଛୋଟ ପରିବାରର ସମସ୍ତେ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।। ଦେବଦତ୍ତ ନିର୍ବାକ ହୋଇ ପଡ଼ିଲେ। ଟେବୁଲ୍ ଉପରେ ଥିବା ଫାଇଲ୍‌ଗୁଡ଼ିକୁ ଜାବୁଡ଼ି ଧରି ଖାଲି କାନ୍ଦିବାକୁ ଲାଗିଲେ।

❖❖❖

Digitized by srujanika@gmail.com

କପୋତ ପକ୍ଷୀ ଉପାଖ୍ୟାନ

ସଦାନନ୍ଦବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ । ତାଙ୍କର ପୁରୁଣା ସ୍ମୃତି । ସେଇ ଜେଲ୍ । ଆଉ ବୁଟ୍ ମାଡ଼ । ଅଗଷ୍ଟ ୧୫ତାରିଖରେ ଯେତେବେଳେ ରାଜଧାନୀ ପ୍ୟାରେଡ଼ ପଡ଼ିଆରେ ତ୍ରିରଙ୍ଗା ପତାକା ଉଡ଼େ, ସଦାନନ୍ଦ ତାକୁ ଘଣ୍ଟାଏ ଅନାନ୍ତି ।

ସେଦିନ ଜେଲ୍‌ରୁ ଫେରି ତ୍ରିରଙ୍ଗା ପତାକାକୁ ଦେଖି ସଦାନନ୍ଦ ଆତ୍ମହରା ହୋଇ କହିଥିଲେ- 'ତୁ ଭାଗ୍ୟବାନ ଅମର । ତୁ ସ୍ୱାଧୀନ ଭାରତର ନାଗରିକ । ତୁ ଏଣିକି ତୋ ଦେଶ ଗଢ଼ିବୁ ।'

ଏମ୍.ଏ ପାଶ୍‌କଲା ପରେ ପରେ ଅମରେଶ୍ ବାବୁଙ୍କୁ ସରକାରୀ କଲେଜରେ ଅଧ୍ୟାପକ ଚାକିରୀଟା ମିଳିଗଲା । ମାତ୍ର ଚାକିରୀ ଲୋଭଛାଡ଼ି କିଛି କାମ କରିବ ଗରିବ ଖଟିଖିଆ ଲୋକଙ୍କ ପାଇଁ ବୋଲି ସେ ଭାବିଲା । ଶିଳ୍ପପତିଙ୍କ ଶୋଷଣରୁ ସେମାନଙ୍କୁ ମୁକ୍ତ କରି ସେ ଗଢ଼ିବ ଏକ ଶୋଷଣହୀନ ସମାଜ । ଅମର ସ୍ୱପ୍ନ ଦେଖିଲା ସୁନାର ଭାରତର ।

ସଦାନନ୍ଦବାବୁ ଟେଲିଫୋନ୍ ପାଇ ଅବାକ୍ ହୋଇଗଲେ । ବ୍ରହ୍ମପୁର ସହରର ରାଜରାସ୍ତାରେ ଶୋଭାଯାତ୍ରାର ନେତୃତ୍ୱ ନେଉଥିବାବେଳେ ତାକୁ ଗୁଳିକରି ହତ୍ୟା କରାଯାଇଛି ।

ଅନେକ ଦିନ ଧରି ସଦାନନ୍ଦବାବୁ ମୂକ ପାଲଟିଯାଇଥିଲେ । ଏବେ ଅମର ଯେ କୌଣସି ସାଙ୍ଗକୁ ଦେଖନ୍ତି, ପଚାରନ୍ତି ଅମରେଶ କଲେଜରେ କିପରି ପଢ଼ାଉଛି । ପୁଣି ଅଟକି ଯା'ନ୍ତି ଆଉ କ'ଣ ପଚାରିବା ପୂର୍ବରୁ । ଖାଲି ଗୁଣୁଗୁଣୁ ହୁଅନ୍ତି ।

❖❖❖

Digitized by srujanika@gmail.com

ନାରୀ ବନାମ କବି

ଆଖି ତାଙ୍କର ଖୁବ୍ ନୀଳ। ଓଠରେ ଲିପଷ୍ଟିକ୍। ସତ୍ୟଭାମା ପଣ୍ଡା ଜଣେ ବୟସ୍କା ନାରୀ। ସରକାରୀ କଲେଜରେ ଅଧ୍ୟାପିକା। ପାହାଡ଼ୀ ଝରଣା ପରି ସବୁବେଳେ କୁଳୁକୁଳୁ। ଲୋଟି ପଡ଼ନ୍ତି ସତ୍ୟଭାମା ଚଇତାଳିରେ ଟାଙ୍ଗରା ପଥର ଅବା କେବେ କଣ୍ଟେଇ ଲଟାରେ। ସତ୍ୟଭାମା ବହୁ ପୁରୁଷଙ୍କ ଛାତି ଉପରେ ନିଜକୁ ଖୋଜନ୍ତି ନିଜ ଭିତରେ। ସତ୍ୟଭାମା ସ୍ତ୍ରୀ ଅନ୍ୟ ଏକ ବଳିଦତ୍ତର। ସ୍ୱାମୀର ପ୍ରମୋଶନ ପାଇଁ ସେ ନାରୀ, ସେ ବହୁଭୋଗ୍ୟା।

ସତ୍ୟଭାମା କବି। ସଂପାଦକମାନେ ସତ୍ୟଭାମାଙ୍କ ଫୋନରେ କଣ୍ଠସ୍ୱର ଶୁଣିବା ପୂର୍ବରୁ ତାଙ୍କ କବିତା ପତ୍ରିକାରେ ଛାପି ଦେଇଥାନ୍ତି। ଗତବର୍ଷ ଦିଲ୍ଲୀ ରହଣୀ କାଳରେ ସାହିତ୍ୟ ଏକାଡେମୀର ପୁରସ୍କାର ପାଇଁ ତାଙ୍କ ନାମ ସୁପାରିଶ କରାଇ ପାରିଥିଲେ।

ସତ୍ୟଭାମା ପଛକୁ ଫେରି ଚାହିଁବାକୁ ପସନ୍ଦ କରନ୍ତିନାହିଁ। ...ସେହି ପୁରୁଣା ଦିନଗୁଡ଼ିକୁ। ଫ୍ରକ୍ ପ୍ୟାଣ୍ଟ ପିନ୍ଧା ସ୍କୁଲ କଲେଜର ପ୍ରେମ।

ସ୍ୱାମୀ ନେତ୍ରାନନ୍ଦ ସତ୍ୟଭାମାକୁ ସବୁବେଳେ ତାରିଫ୍ କରନ୍ତି। ତାଙ୍କର ପ୍ରମୋଶନ ହେଲା। ସତ୍ୟଭାମା ଏବେ ପୁରା ଫ୍ରି। କବିଟିଏ ସେ। ଲୋଟି ପଡ଼ିବାରେ ଆଉ ବାଧା ନାହିଁ। ତାକୁ କେହି ଆଉ ବଦଳି କରି ପାରିବେନି। ....ସେ ନାରୀ। ...ସେ କବି।

❖❖❖

Digitized by srujanika@gmail.com

ସଂଳାପ

ପୁରୀର ନିର୍ଜନ ବେଳାଭୂମି। ମଧ୍ୟାହ୍ନର ସୂର୍ଯ୍ୟ ଖୁବ୍ ପ୍ରଖର ହୋଇଥାନ୍ତି। ରତିକାନ୍ତ ମହାପାତ୍ର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟାପକ। ବୟସ ପଚାଶ ଟପିଲାଣି। ତଥାପି ତାରୁଣ୍ୟର ଆଭା ଟିକିଏ ବି କମିନାହିଁ।

ବେଳାଭୂମିର ନିର୍ଜନତା ଅପେକ୍ଷା ତାଙ୍କ ମନବନର ନିର୍ଜନତା ତାଙ୍କୁ ଏକ ବ୍ୟାଧିପରି ମନେ ହେଉଛି। ଦୀର୍ଘ ତିରିଶ ବର୍ଷର ବୈବାହିକ ଜୀବନ ସରି ଯାଇଛି। କିନ୍ତୁ ସେ ସ୍ୱରୂପାଙ୍କ ଠାରୁ ଅନେକ ଦୂରରେ। ସ୍ତ୍ରୀ-ସ୍ୱରୂପା ତାଙ୍କୁ ଛାଡ଼ି ଚାଲିଯିବାର ବର୍ଷେ ପୂରିଗଲାଣି। ତଥାପି ସ୍ୱରୂପା ତାଙ୍କ ପାଖେପାଖେ ଅଛି ବୋଲି ସେ ଭାବୁଛନ୍ତି।

-ପାଞ୍ଚବର୍ଷ ତଳେ ପୁରୀ ବଦଳି ହୋଇ ଆସିଥିଲେ। ଏହି ବେଳାଭୂମି, କାଲି ପରି ଲାଗୁଛି। ସ୍ୱରୂପା ଝାଲ୍‌ମୁଢ଼ି ଖାଇବାକୁ ଭଲପାଆନ୍ତି।

-ଝାଲ୍‌ମୁଢ଼ିବାଲା ବେଳାଭୂମିରେ ବହୁତ। ହେଲେ ସ୍ୱରୂପା ଝାଲ୍‌ମୁଢ଼ି ଖାଇବାକୁ ତାଙ୍କୁ କହୁନାହିଁ।

ରତିକାନ୍ତଙ୍କ ଆଖିରେ ସମୁଦ୍ର ଢେଉରେ କିଏ ଯେପରି କହିବାର ଶୁଣିପାରୁଛନ୍ତି- 'ମୋ ପାଇଁ ଝାଲ୍ ମୁଢ଼ି ଆଣ ନା!' ରତିକାନ୍ତ ଫେରି ଚାହିଁଲେ, ଝାଲ୍‌ମୁଢ଼ିବାଲା ଆଡ଼କୁ। ସେତେବେଳକୁ ବେଳାଭୂମି ତଥାପି ନିର୍ଜନଥିଲା।

❖❖❖

Digitized by srujanika@gmail.com

ଧାଡ଼ିରେ ଥିବା ଲୋକ

ଅବିନାଶବାବୁ । ଦୌଡୁଛନ୍ତି ଧାଡ଼ିରେ । ଜଙ୍ଗଲ ଗୁମ୍ଫାରୁ ଆସି ଚନ୍ଦ୍ରରେ ପାଦ ଦେଇଛନ୍ତି । ପୁଣି ଦୌଡ଼ିବେ... ମଙ୍ଗଳ... ଶୁକ୍ର... ରବି ! ! ଫେରି ଚାହିଁ ପାରୁନାହାନ୍ତି ସେ । ପଛରୁ ଠେଲା ପେଲା, ହୋ-ହାଲା, ଦୌଡ଼ାଦୌଡ଼ି ।

ଚମକି ପଡ଼ିଲେ ଅବିନାଶ । ଆଗରେ ନ୍ୟୁକ୍ଲିୟାର ବମ୍ । ନା-ନା, ସେ ଯାଇପାରିବେନି । ତାଙ୍କ ଦୌଡ଼ିବା କ'ଣ ବ୍ୟର୍ଥ ହେଲା ? ଗୁମ୍ଫାଟା ବହୁ ପଛରେ ରହିଗଲା । ସେ ଫେରି ଯିବ ସେ ଗୁମ୍ଫାକୁ ! ! ପଛରେ ଗୁଡ଼ାଏ ଲୋକ ଠେଲୁ ଥିଲେ ଅବିନାଶଙ୍କୁ ଆଗକୁ ଦୌଡ଼ିବାକୁ ।

❖❖❖

Digitized by srujanika@gmail.com

ଅଧ୍ୟାପକଙ୍କ ଉପକଥା

ବଡ଼ କଲେଜ ନହେଲେ ବି ଲକ୍ଷ୍ମୀଧରବାବୁଙ୍କୁ ସମସ୍ତେ ଜାଣନ୍ତି । ଖୁବ୍ ଖୁସି ମିଜାଜ୍‌ର ଲୋକ । କଲେଜରେ କ୍ଲାସ୍ ନେଲାବେଳେ ସେ ଆତ୍ମବିଭୋର ହୋଇ ପଡ଼ନ୍ତି । ପଢ଼ିବା ଓ ପଢ଼ାଇବାରେ ସେ ସ୍ୱର୍ଗସୁଖ ପାଆନ୍ତି ।

ଏଇ କେତେଦିନ ହେଲା ଲକ୍ଷ୍ମୀଧରବାବୁ ବିବ୍ରତ ହୋଇ ପଡ଼ିଛନ୍ତି । କୁନି ଝିଅ ମାମି ତାଙ୍କ ଚିନ୍ତାର କାରଣ । ପୁରୀକୁ ଆସିବା ଦୁଇବର୍ଷ ହେଲାଣି । ମାମିର ଦେହ ମୋଟେ ଭଲ ରହୁନାହିଁ । ଆଜି ଜର ତ କାଲି ଝାଡ଼ା । ପୁରୀରୁ ବଦଳୀ ହୋଇ ଅନ୍ୟ କଲେଜକୁ ଯିବାକୁ ସ୍ତ୍ରୀ ମିନତି କେତେଥର କହିଲାଣି । ଲକ୍ଷ୍ମୀଧରବାବୁ ସ୍ତ୍ରୀଙ୍କ କଥାକୁ ସେତେ ଗୁରୁତ୍ୱ ଦେଉ ନ ଥିଲେ ।

ଡାକ୍ତରଙ୍କ ପରାମର୍ଶ ଜଳବାୟୁ ପରିବର୍ତ୍ତନ କଲେ ହୁଏତ ସୁଫଳ ମିଳିପାରେ । ଫଳରେ ଲକ୍ଷ୍ମୀଧରବାବୁ ଏବେ ଚିନ୍ତିତ । ହେଲେ ବଦଳି ହେବ କିପରି ? ଚାକିରି କରିବା ଦିନଠାରୁ ବଦଳି ପାଇଁ କାହାର ଦ୍ୱାରସ୍ଥ ହୋଇ ନାହାନ୍ତି ସେ । ଯେତେ ଲେଖିଲେ କିଏ ଶୁଣିବ ତାଙ୍କ କଥା । ବଂଧୁ ରମେଶ ବାବୁଙ୍କଠୁ ଶୁଣିଥିଲେ ତାଙ୍କ ବଦଳି ବନ୍ଦ କରିବାକୁ ମୋଟା ଅଙ୍କର ବଟି ଦେବାକୁ ପଡ଼ିଥିଲା ।

ଏତେ ଟଙ୍କା ସେ ଆଣିବେ କେଉଁଠୁ ? ମିନତି କହିଲାଣି ବଦଳି ନହେଲେ ପିଲାଙ୍କୁ ନେଇ ସେ ବାପ ଘରକୁ ପଳାଇବ ।

ଲକ୍ଷ୍ମୀଧର ଫେରି ଚାହିଁଲେ ଅତୀତକୁ । ଗାଁ ସ୍କୁଲ ଛାଡ଼ି କାହିଁକି ଅଧ୍ୟାପକ ଚାକିରୀ ମୋହରେ ପଡ଼ି ସରକାରୀ କଲେଜରେ ଯୋଗ ଦେଲେ ?

❖❖❖

Digitized by srujanika@gmail.com

ନିର୍ବାଣ

ଆହତ କଣ୍ଠରେ ମାଳବିକା ପଚାରିଲେ
ଶ୍ରମଣକୁ 'କୁହ ଶ୍ରମଣ ! ନିର୍ବାଣର ରୂପ କ'ଣ ?
ନିର୍ବାଣ କ'ଣ ଏକା ପୁରୁଷର ଅଧିକାର ! !

ସଂସାର ଠାରୁ ଦୂରରେ ରହିଲେ କ'ଣ
ନିର୍ବାଣ ହୁଏ ? ଶ୍ରମଣ ଅପ୍ରତିଭ ହୋଇ ପଡ଼ିଲେ
ମାଳବିକାର ପ୍ରଶ୍ନରେ। ବୁଦ୍ଧ ଜ୍ଞାନୀ ନୁହନ୍ତି। ସେ
ସୁନ୍ଦର। ସେ ମାୟା।

ଶରୀର ନଥିଲେ ନିର୍ବାଣର ପ୍ରଶ୍ନ କେଉଁଠି ?
କୁହ କୁହ ଶ୍ରମଣ, ଶରୀର ବଡ଼ ନା ନିର୍ବାଣ ବଡ଼ ?
ନିର୍ବାକ ହୋଇ ପଡ଼ିଲେ ଶ୍ରମଣ।

ସେତେବେଳେ ମାଳବିକାର ଆଖି
ଭିତରେ ଶ୍ରମଣ ହଜିଯାଇଥିଲେ।

❖❖❖

Digitized by srujanika@gmail.com

ବସ୍ କାଚର ଜୀବନ ଛବି

ଅଧ୍ୟାପକ ବିଷ୍ଣୁମୋହନ ବସ୍‌ରେ ଭଦ୍ରକରୁ ପୁରୀ ଫେରୁଥିଲେ। ବାଟରେ ପାଣିକୋଇଲି ପାଖରେ ଦୁର୍ଘଟଣା ହୋଇଛି। ଅପରାହ୍ନର ଖରା ଟାଣ ନଥିଲେ ମଧ ଅସହ୍ୟ ଗୁଳୁଗୁଳି ହେଉଥିଲା।

ବିଷ୍ଣୁମୋହନ ବସ୍‌ର କାଚ ଦରଜା ଖୋଲି ବାହାର ପୃଥିବୀକୁ ଦେଖିବାକୁ ଚାହିଁଲେ। ଝରକା ଖୋଲିଲା ନାହିଁ। ସେ ଆଗକୁ ଚାହିଁଲେ ଡ୍ରାଇଭର ସିଟ୍ ପଛପଟେ ଥିବା ଦର୍ପଣକୁ।

ସୁନ୍ଦରୀ ନାରୀର ପ୍ରତିବିମ୍ବ ତନଖି ବିଷ୍ଣୁମୋହନ ଚମକି ପଡ଼ିଲେ। ତା'ସାଙ୍ଗରେ ବାଣୀବିହାରରେ ପଢୁଥିବା ନୀଳିମା ବସ୍ ସିଟ୍‌ରେ ବସି ଢୋଳେଇଛି।

ନୀଳିମାର ରୂପରେ କିଛି ବି ପରିବର୍ତ୍ତନ ହୋଇନାହିଁ। ଠିକ୍ ସେହି ପଢ଼ା ବେଳର ଚେହେରା। ବିଷ୍ଣୁମୋହନଙ୍କ ଆଖିଆଗରେ ନାଚି ଉଠିଲା ସେହି ପୁରୁଣା ଦିନର ସ୍ମୃତି। କେତେ ପ୍ରତିଶ୍ରୁତି। କେତେ ସଂକଳ୍ପ। ଉଗ୍ରତାରାରେ ଦେବୀଙ୍କ ଫୁଲର ସଂକଳ୍ପ।

ଏବେ ନୀଳିମା ଆଇ.ଏ.ଏସ୍. ସତ୍ୟକାମଙ୍କ ସ୍ତ୍ରୀ। ରାଜଧାନୀର ଏକ ସରକାରୀ କଲେଜରେ ଅଧ୍ୟାପିକା। ବିଷ୍ଣୁମୋହନ ଆହୁରି କିଛି ଭାବିବା ପୂର୍ବରୁ ବସ୍ ଛାଡ଼ି ଦେଇଥିଲା ପାଣିକୋଇଲି।

❖❖❖

Digitized by srujanika@gmail.com

ମନ୍ତ୍ରୀଙ୍କ ଡାଏରୀ

ସଦାଶିବବାବୁ ବାରଣ୍ଡାରେ ପଦଚାରଣ କରୁକରୁ ବାହାର ସେଲ୍‌ଫରେ ଥିବା ପୁରୁଣା ଡାଏରୀ ଉପରେ ନଜର ପଡ଼ିଲା। ଅତୀତର ପୃଷ୍ଠା ଖୋଲିବା ପାଇଁ ଇଚ୍ଛା ହେଲା।

ଡାଏରୀ ଖୋଲୁ ଖୋଲୁ ନିଜ ହାତ ଲେଖାର ନାଲିଗାରରେ ଅଣ୍ଡରଲାଇନ୍ ହୋଇଥିବା ଅଂଶଟି ଆଖିକୁ ସ୍ତବ୍ଧ କରିଦେଲା।

ମନ୍ତ୍ରୀ ସଦାଶିବବାବୁ। ଦଶ ବର୍ଷ ହେଲା ମନ୍ତ୍ରୀତ୍ୱ ନାହିଁ। ଘର ନିର୍ଜନ। କେହି କର୍ମୀ ଆସୁନାହାନ୍ତି। ସମସ୍ତେ ସ୍ୱାର୍ଥପର। କାମ ଥିଲେ ଆସିବେ, କାମ ସରିଗଲେ କିଏ କାହାକୁ ପଚାରେ ?

ସଦାଶିବବାବୁ ବିଚଳିତ ହୋଇପଡ଼ିଲେ। ଡାଏରୀରେ ଲେଖାଥିବା ଦୁଇଧାଡ଼ି। ସତ୍ୟଶଙ୍କର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ। ତାଙ୍କୁ ରାଜନୀତିରୁ ସନ୍ନ୍ୟାସ ଦେବା ପାଇଁ ସଂକଳ୍ପ ନେଇଥିଲେ।

ସତ୍ୟଶଙ୍କର ଏବେ ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ। ପୁଣି ଏକାଧିକ ପୋର୍ଟଫୋଲିଓ।

ନା-ନା, ଏହା କେବେ ବରଦାସ୍ତ କରିପାରିବେନି। ସତ୍ୟଶଙ୍କର ତାଙ୍କ ଆଗରେ ବଚ୍ଚା। ଖୁବ୍ ଉତ୍ତେଜିତ ହୋଇପଡ଼ିଲେ ସଦାଶିବବାବୁ।

ଡାଏରୀଟିକୁ ଚିରିଚିରି ଚିରି ଆକାଶକୁ ଫିଙ୍ଗିଦେଇ ଘରର ସମସ୍ତ ଝରକା ବନ୍ଦ କରି ଭିତରେ ରହିଲେ ସଦାଶିବବାବୁ।

❖❖❖

Digitized by srujanika@gmail.com

କିରାଣି

ପ୍ରକାଶବାବୁ ସେକ୍ରେଟାରୀଏଟ୍‌ର କିରାଣି। ଅନେକ ଦିନର ଅନୁଭୂତି। ଏମ୍.ଏ. ପାଶ୍‌କଲା ପରେ ବେସରକାରୀ କଲେଜରେ ସ୍ୱଳ୍ପ ବେତନରେ ଚାକିରି କରିବା ଅପେକ୍ଷା ସେକ୍ରେଟାରୀଏଟ୍‌ରେ କିରାଣି ଚାକିରି ଭଲ ଭାବି ଆଦରି ନେଇଥିଲେ ପ୍ରକାଶବାବୁ। ଅବସର ନେବାକୁ ଆଉମାତ୍ର ବର୍ଷ କେଇଟା ବାକି।

ପ୍ରକାଶବାବୁଙ୍କ ପାଖକୁ କେତେ ବଡ଼ବଡ଼ ଅଫିସର, ଅଧ୍ୟାପକ, ପ୍ରଫେସର ଆସିଛନ୍ତି। କାମ କଥା କହିଲାବେଳେ ସେ କହିପକାଏ ସେ ବି ଅଧ୍ୟାପକ ଚାକିରି କରିଥିଲେ। ଓ.ଏ.ଏସ୍.ପରୀକ୍ଷା ଦେଇଥିଲେ। ବଦଳିକୁ ଡରି ଏଠି କିରାଣି ଚାକିରି କରୁଛନ୍ତି।

ଏତିକି ସିନା ପ୍ରକାଶବାବୁ ଏକା ନିଃଶ୍ୱାସକେ କହି ପକାନ୍ତି। ମାତ୍ର ଛାତି ତଳଟା କେମିତି ଧଡ଼ଧଡ଼ ହୋଇଯାଏ। ମନେମନେ କେବେ କିରାଣି ବୋଲି ଛୋଟ ମନେ କରନ୍ତି ନାହିଁ।

ଗାଁକୁ କେବେ ଆସିଲେ ସାଙ୍ଗମାନଙ୍କ ପାଖରେ ପ୍ରକାଶ କହୁକହୁ କହିଦିଏ -ଅଫିସର୍ କ'ଣ, ଅଧ୍ୟାପକ କ'ଣ, ପ୍ରଫେସର କ'ଣ ମୋ ପାଖକୁ ଆସିଲେ ମୁଁ ବସିବାକୁ ମୋଟେ କହେନାହିଁ। ସେମିତି ଛିଡ଼ା ହୁଅନ୍ତି।

ଏମିତି କହିଲାବେଳେ ପ୍ରକାଶର ଛାତି ଫୁଲିଉଠେ। ଗାଁ ଶିବସାର୍ ଦେଖାହେଲେ। କହିଲେ ପ୍ରକାଶ ଏବେ ପ୍ରମୋଶନ ହୋଇ କ'ଣ ହେଲୁଣି କିରେ ? ପ୍ରକାଶ ନୀରବ ରହିଲା। ଶିବସାର୍ କହିଲେ କ'ଣ କିରାଣିରୁ ଆଉ ଉଠି ପାରିଲୁନି ?

ସେହି ଦିନଠାରୁ ପ୍ରକାଶ ଆଉ ଗାଁକୁ ଯାଇନାହିଁ।

❖❖❖

Digitized by srujanika@gmail.com

ବିଷର୍ଣ୍ଣ ଆକାଶ

ଲୁମ୍ବିନୀ ରାଜବାଟୀ। ନିସ୍ତବ୍ଧ ଜହ୍ନରାତିରେ ରାଜବାଟୀଟା ଗୋଟାଏ ଥୁଣ୍ଟା ବରଗଛ ପରି ମନେହେଉଥିଲା। ଗୌତମଙ୍କ ଆଖିରେ ନିଦନାହିଁ। ତାଙ୍କୁ ଗୋଟାଏ ନିଷ୍ପତ୍ତି ନେବାକୁ ପଡ଼ିବ। ନିଜ ସୁଖ ଅପେକ୍ଷା ଜଗତର ଶାନ୍ତି ଆଗ। ଗୋପା ଓ ରାହୁଲ ବିଛଣାରେ ସୁଖନିଦ୍ରାରେ।

ପାଦ ଚିପିଚିପି ଗୌତମ ପ୍ରାସାଦର ଶିଖରକୁ ଆସିଲେ। ଆକାଶରେ ଜହ୍ନ ତାଙ୍କୁ ବିହ୍ୱଳିତ କରୁଛି। ନିଷ୍ପତ୍ତି ବଦଳାଅ ଗୌତମ ! ବିବାହ ପରେ ନାରୀକୁ ଏକାକୀ ଛାଡ଼ି ସନ୍ନ୍ୟାସ ଧର୍ମ ଠିକ୍ ନୁହେଁ। ଆହୁରି ଶତବାର ଭାବ ଗୌତମ।

'ଗୋପା ନାରୀତ୍ୱର ଶ୍ରେଷ୍ଠ ନିଦର୍ଶନ। ଭୁଲ କର ନାହିଁ ଗୌତମ। ସୃଷ୍ଟି ଧ୍ୱଂସ ହୋଇଯିବ ଗୌତମ।' -ଏ କାହାର ଆହ୍ୱାନ ! ରାଜପ୍ରାସାଦର ନା ଏ ଆକାଶର ? ?

-ଗୌତମଙ୍କ ଆଖିରେ ଆକାଶଟା ଆସ୍ତେ ଆସ୍ତେ ବିଷର୍ଣ୍ଣ ହୋଇ ଆସୁଥିଲା ସଦ୍ୟ ବୈଧବ୍ୟ ଭୋଗୁଥିବା ଷୋଡ଼ଶୀ ତରୁଣୀଟିଏ ପରି। ବିଚଳିତ ହୋଇ ପଡ଼ିଲେ ଗୌତମ।

❖❖❖

Digitized by srujanika@gmail.com

ଅଶିଣ ବଉଦର ଅଶ୍ରୁ

ଭୁବନେଶ୍ୱର କାର୍‌ଗିଲ୍ ରୋଡ଼ର ଏକ ନିଓନ ଆଲୋକ ତଳେ ଆକାଶକୁ ଚାହିଁ ସରୋଜ ମହାନ୍ତି ଅତୀତର ପ୍ରତିଟି ଦୁର୍ଘଟଣାକୁ ମନେ ପକାଉଛନ୍ତି। ସାରା ସହର ଗୋଟାଏ ଅଦିନିଆ କୁହୁଡ଼ି ଭିତରେ ହଜିଗଲାପରି ଜଣା ଯାଉଛି। ହଠାତ୍ ସ୍କୁଟିଟି ପଡ଼ିଗଲା ଓ ଝିଅଟି ସେଠି ହେଲ୍‌ମେଟ୍ ଖୋଲି ନିଜକୁ ସଜାଡ଼ି ନେଉଥିଲା ବଡ଼ ଦୁର୍ଘଟଣାରୁ ବଞ୍ଚିଯାଇଛି ଭାବି। ଜଣେ ଯୁବକ ମଟର ସାଇକେଲ ରଖି ଭାବିଲା ସେ ଝିଅଟିକୁ ସାହାଯ୍ୟ କରିବ କି ? କ'ଣ ଭାବି ଗାଡ଼ି ଷ୍ଟାର୍ଟ କରି ଚାଲିଗଲା। ଦୁଇ/ତିନି ମିନିଟ୍‌ରେ ଝିଅଟିବି ଚାଲି ଯାଇଥିଲା।

ଘଟଣାଟି ଖୁବ୍ ସରଳଥିଲା। ମାତ୍ର ସରୋଜବାବୁଙ୍କ ଆଖିଆଗରେ ଦଶ ବର୍ଷ ତଳର ଗୋଟିଏ ଘଟଣା ନାଚି ଉଠିଲା। ସେଦିନ ସତେ ଯେପରି ପୃଥିବୀଟା ତାଙ୍କ ପାଦତଳୁ ଖସି ଯାଇଥିଲା ମାଇଲ୍ ମାଇଲ୍ ତଳକୁ। କୂଳ କିନାରା ପାଇନଥିଲେ ସରୋଜବାବୁ।

ଏଇ କାର୍‌ଗିଲ୍ ରୋଡ଼୍ ନୂଆ ନୂଆ ତିଆରି ହେଉଥାଏ। ଲୋକ ବେଶି ଯିବା ଆସିବା କରୁନଥାନ୍ତି। କଦବା ଉଡାଜାହାଜର ଗର୍ଜନ କାର୍‌ଗିଲ୍‌ର ନୀରବତାକୁ ଭାଙ୍ଗୁଥାଏ। ସରୋଜକୁ ଝିଅଟିଏ ଲିଫ୍ଟ ମାଗିଲା। ସରୋଜ ତାଙ୍କ ମଟର ସାଇକେଲରେ ଲିଫ୍ଟ ଦେବାର କିଛି ବାଟପରେ ପୋଲିସ୍ ଗାଡ଼ି ସରୋଜବାବୁଙ୍କୁ ଏୟାରଫିଲ୍ଡ ଥାନାକୁ ନେଇଯାଇ ଅଭିଯୋଗର ପତ୍ର ଧରାଇ ଦେଇଥିଲା। ଆଶିଣର ବଉଦ ଖଣ୍ଡେ କାର୍‌ଗିଲ୍ ଆକାଶକୁ ଆଛନ୍ନ କରିସାରିଥିଲା।

❖❖❖

Digitized by srujanika@gmail.com

ସତ୍ୟସାର୍

ସତ୍ୟାନନ୍ଦ ମହାପାତ୍ର ସତ୍ୟସାର୍ ନାମରେ ସେ ଅଂଚଳରେ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁରି ପାଖରେ ପରିଚିତ। ତାଙ୍କ ଛାଟ ଯା ପିଠିରେ ବସିଛି, ସେ ଖାଲି ମଣିଷ ନୁହେଁ, ଜଣେ ଭଲମଣିଷ ଭାବେ ଗଢ଼ି ହୋଇଛି। ହଠାତ୍ ଖବର ଚାରିଆଡ଼େ ବିଜୁଳି ବେଗରେ ପ୍ରଚାରିତ ହୋଇଗଲା -ସତ୍ୟସାର୍ ଚାଲିଗଲେ। ସଦାନନ୍ଦ ତା'କାନକୁ ବିଶ୍ୱାସ କରିପାରିଲା ନାହିଁ। ନା, ନା, ଏହା ନିଶ୍ଚୟ ଭୁଲ ଖବର। ଗଲା ରବିବାର ଦିନ ଗାଁକୁ ଆସିଲାବେଳେ ଗାଁ'ମୁଣ୍ଡ ବରଗଛ ଛକରେ ସାର୍‌ଙ୍କ ସହ ଦେଖା ହୋଇଥିଲା। ସାର୍ ଭଲମନ୍ଦ ପଚାରିଥିଲେ। କହିଲେ- "କ'ଣ ସଦାନନ୍ଦ, ପ୍ରତି ସପ୍ତାହରେ ଗାଁକୁ ଆସୁଛ? ଭଲକଥା, ତମ ପାଖରୁ ଏ ଗାଁ, ଏ ମାଟି ଅନେକ କିଛି ଆଶାକରେ। ସରକଣା ହାଇସ୍କୁଲର ତୁମେ ଜଣେ ନାମକରା ଛାତ୍ର। ନିଜ ଗାଁର ଭାଇମାନଙ୍କ ପାଇଁ କିଛି କର। ଜୀବନରେ ତାହାହିଁ ହେବ ସାର୍ଥକତା। ସେବାରେ ପୂଣ୍ୟଥାଏ।"

ହଁ ସାର୍, ବୋଉ ମରିବା ଦିନଠାରୁ ଏ ଗାଁ ମାଟି ପ୍ରତି କେମିତି ଗୋଟେ ଆକର୍ଷଣ ବଢ଼ି ଯାଇଛି।

- "ମୁଁ ସେକଥା ଜାଣିଥିଲି ସଦାନନ୍ଦ। ସହରୀ ଆକର୍ଷଣ ମଣିଷକୁ ପଥର କରେ। ସେଠି ମଣିଷ ଖୋଜି ପାଇବା କଷ୍ଟକର। ଭଲ କରିଛ, ଗାଁକୁ ଆସ, ମଣିଷ ଖୋଜ। ଏଠାରେ ମଣିଷ ପଣିଆ ଅଛି।"

ସାର୍‌ଙ୍କ ସହିତ ଏତେ କଥାହେଲି। ତାଙ୍କ ଆଶୀର୍ବାଦ ନେଲି। ଆଜି ସତ୍ୟାସାର୍ ନାହାନ୍ତି। ଏକଥାକୁ ବିଶ୍ୱାସ କରିପାରୁ ନ ଥିଲେ ସଦାନନ୍ଦ। ସଦାନନ୍ଦ ସଂଗେ ସଂଗେ ଗାଁକୁ ବାହାରିଲା। ସେହି ବରଗଛ ପାଖରେ ପହଞ୍ଚି ଦେଖିଲା ତାଙ୍କର ଅନେକ ପୂର୍ବତନ ଛାତ୍ର ଶବ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଅଜାଣତରେ ସଦାନନ୍ଦ ଆଖିରୁ ଦୁଇଟୋପା ଲୁହ ନିଗିଡ଼ି ଆସିଲା। ସେହି ଲୁହ ଦୁଇଟୋପା ଭିତରେ ସତେ ଯେମିତି ସତ୍ରସାର୍ କରୁଥିଲେ ତପସ୍ୱିନୀ କାବ୍ୟରେ ସୀତାଙ୍କ ଚରିତ୍ର ବ୍ୟାଖ୍ୟା। ତାଙ୍କ ଆଖିରୁ ବାହାରୁଥିଲା ଏକ ସ୍ୱତନ୍ତ୍ର ଜ୍ୟୋତି। ସେ ଜ୍ୟୋତି କ'ଣ କେବେ ମରିପାରେ?

❖❖❖

Digitized by srujanika@gmail.com

ବାପା ଚାଲିଗଲାପରେ

ବାପାଙ୍କୁ ମାତ୍ର ୬୫ବର୍ଷ। ରାମ ସାହୁର ବାପା ଏଯାଏ ଅଛନ୍ତି। ତାଙ୍କୁ ଆସି ୮୫ବର୍ଷ ହେଲାଣି। ବାପା ଚାଲିଗଲାପରେ ବୋଉ ଆଖିରୁ ଲୁହ ଶୁଖୁନଥିଲା। ମହାନଦୀ ପାଣି ପରି ବହିଚାଲିଥିଲା ସେ ଲୁହର ଧାର। ମଧୁଆ'ଟା ସବାସାନ ପୁଅ। ବୋଉର କୋଳପୋଛା। ବୋଉକୁ ପଚାରିଲା -ବୋଉ! ବାପା ମରିଗଲା, ତୁ ମରିଯିବୁ, ମୁଁ କାହା ପାଖରେ ରହିବି। କୁନି ନାନୀଟା ଖାଲି ସବୁବେଳେ ମୋତେ ପିଟିବ। କହିବ -ତୁ ପାଠ ପଢୁନୁ। ମଧୁଆର ଏଇ କେତେପଦ କଥା ବୋଉ ଆଖିରୁ ଲୁହ ଶୁଖେଇ ଦେଲା। ବାପା ମରିବାର ପରଦିନ ବୋଉକୁ ଆଉ କାନ୍ଦିବାର ମୁଁ ଦେଖିନାହିଁ। ତା'ମୁଣ୍ଡରେ ପୂର୍ଣ୍ଣମୀଚାନ୍ଦ ପରି ଝଟକୁଥିବା ସିନ୍ଦୂର ଟୋପାଟା ନାହିଁ। ତଥାପି ବୋଉ ମୁହଁଟି ଗାଁ ମଙ୍ଗଳାଙ୍କ ପରି ଦେଖାଯାଉଥିଲା।

ଗାଧୋଇ ସାରି ବୋଉ ଆଗ ବାପାଙ୍କ ଫଟୋପାଖରେ ମୁଣ୍ଡିଆ ମାରି କ'ଣ ସବୁ କହିଯାଏ ଗୁଣୁଗୁଣୁ ହୋଇ। ତାହା ମନ୍ତ୍ରପରି ନୁହେଁ, ମହୁମାଛିର ଗୁଣୁଗୁଣୁ ଶବ୍ଦପରି ଶୁଣାଯାଏ। ମୁଁ, ମା। ଧରିତ୍ରୀ। ମୁଁ ସର୍ବଂସହା। ମୁଁ ଗର୍ଭଧାରିଣୀ। ବାପାର ମୃତ୍ୟୁ ହୋଇପାରେ। ମା'ର ମୃତ୍ୟୁ ନାହିଁ। ବାପାଙ୍କ ମୃତ୍ୟୁ ହେବାର ଛ'ମାସ ହେଲାଣି। ତଥାପି ଘରଭିତରେ ବାପା ଥିଲା ପରି ଜଣାପଡ଼େ। ତାଙ୍କ ବିଛଣା ଠିକ୍ ସକାଳୁ ସଜଡ଼ା ହୋଇଯାଏ। ବାପାଙ୍କ ପିକଦାନୀ ସଫା ହୋଇ ଖଟ ପାଖରେ ରହିଯାଏ।

ବୋଉ କେତେବେଳେ କେମିତି କହେ - "ତୁମେ କେବେ ଆସିବ? ପିଲାମାନଙ୍କୁ ମୁଁ ତମ ଆସିବା କଥା କହିଚି। ଏତିକି କହିଲାବେଳେ ବୋଉ ତା'ପଣତକାନିରେ ଆଖି ପୋଛୁଥାଏ।

❖❖❖

Digitized by srujanika@gmail.com

ସକାଳର କୁହୁଡ଼ି ପରେ

ଜୀବନାନନ୍ଦ ଅବସର ନେବାର ପନ୍ଦର ଦିନ ବିତିଗଲାଣି। ଆଉ ସକାଳୁ ସକାଳୁ ମଣ୍ଟୁ ଡ୍ରାଇଭର କାର୍ ନେଇ ଆସୁନାହିଁ। ରାଜୁ ପିଅନ ବି ବେଡ୍ ଟି ଦେଉନାହିଁ। ସକାଳୁ ଉଠିବା ଜୀବନାନନ୍ଦଙ୍କ ପକ୍ଷରେ ବଡ଼ କଷ୍ଟ। କାହିଁ କେହିତ ଡାକୁ ଡାକୁ ନାହାନ୍ତି- ସାର୍ 'ଅନେକ ଫାଇଲ୍ ପଡ଼ିଛି'। ସୀମା ତ ଅନେକ ଦିନୁ ଆରପାରିରେ। ଅଫିସ୍ କାମରେ ବ୍ୟସ୍ତରହି ଜୀବନାନନ୍ଦ ସ୍ତ୍ରୀ ବିଚ୍ଛେଦର କଷ୍ଟକୁ କେତେକାଂଶରେ ଭୁଲି ଯାଇଥିଲେ।

ଅଫିସ୍ କାମ ବ୍ୟସ୍ତତା ଭିତରେ ଅତୀତ ପ୍ରାୟତଃ ପନେ ପଡୁନଥିଲା। ଏଇ କେତେଦିନ ହେଲା ଗାଁର ସାଙ୍ଗମାନେ ବେଶି ମନେ ପଡୁଛନ୍ତି। ବନା, ମଧୁ ଅବସର ପୂର୍ବରୁ ଏ ସଂସାରରୁ ବିଦାୟ ନେଇଗଲେ। ଗାଁକୁ ଗଲେ ଘରବାଡ଼ି ଯେମିତି ଖାଁ ଖାଁ ଲାଗେ। ବୋଉ ତ ଆରପାରିରେ। "କେବେ ପୁଣି ଆସିବୁ ରେ।" ପଚାରିବାକୁ କେହି ନାହିଁ।

ରବିବାର ସକାଳଟା ଜୀବନାନନ୍ଦଙ୍କ ମନକୁ କାହିଁ କେମିତି ଦୋହଲାଇ ଦେଉଛି। ନିଦ କେତେବେଳୁ ଛାଡ଼ି ଗଲାଣି। ହେଲେ ବିଛଣା ଛାଡ଼ିବାକୁ ଇଚ୍ଛା ହେଉନି। ବିଛଣାରେ ପଡ଼ିରହି ଜୀବନାନନ୍ଦ ଭାବୁଛନ୍ତି - "ମଣିଷର ପୁନର୍ଜନ୍ମ ସତେ କ'ଣ ଅଛି ? ? ମହାପୁରୁଷମାନଙ୍କ କଥା କ'ଣ ମିଛ ? ବିଶ୍ୱାସରେ ମଣିଷ ବଂଚେ। ସେ ବିଶ୍ୱାସ କରିବେ ? ? ଚାକିରୀକାଳରେ କାହାକୁ ସେ ବିଶ୍ୱାସ କରି ନ ଥିଲେ।

ଚାକରାଣୀଟି ଘରକାମ କାରିବାକୁ ଆସିଲାଣି ବୋଧେ। କାହାର ଚୁଡ଼ି ଶବ୍ଦ ଶୁଣାଯାଉଛି। ଜୀବନାନନ୍ଦବାବୁଙ୍କୁ କିଏ ଯେପରି କହୁଛି - "ଏଥର ବିଶ୍ୱାସ କର। ମଣିଷର ପୁନର୍ଜନ୍ମ ଅଛି।" ବିଛଣାରୁ ଉଠିପଡ଼ି ଜୀବନାନନ୍ଦ ଆଣ୍ଠୁମାଡ଼ି ନମସ୍କାର ମୁଦ୍ରାରେ କହିଲେ - "ହେ ପ୍ରଭୁ! ପୁନର୍ଜନ୍ମ ଥିଲେ ମୋତେ ଆଉଥରେ ଜନ୍ମଦିଅ। ମୁଁ ସମସ୍ତ ମଣିଷଙ୍କୁ ଭଲ ପାଇବି ଆଉ ବିଶ୍ୱାସ କରିବି।" -ସୂର୍ଯ୍ୟ ଅକାଶକୁ ଅନେକବାଟ ଉଠିଗଲେଣି। ସବୁଦିନ ପରି ଦାଣ୍ଡଦୁଆରକୁ ଖରା ମାଡ଼ିପଡ଼ିଲାଣି।

❖❖❖

Digitized by srujanika@gmail.com

ସେଇ ଝିଅଟି

ଜୁନ୍‌ମାସର ଅପରାହ୍ନ । ସୂର୍ଯ୍ୟ ପ୍ରାୟ ଅସ୍ତଗାମୀ । ଗୁଳୁଗୁଳି ଯୋଗୁ କେମିତି ଗୋଟାଏ ଅସ୍ୱାଭାବିକ ଲାଗୁଥିଲା । ମୁଁ ସେକ୍ରେଟାରୀଏଟ୍‌ରୁ କାମସାରି ସଂଧ୍ୟାର ଖୋଲା ପବନ ଟିକିଏ ପାଇବା ପାଇଁ ଇନ୍ଦିରା ପାର୍କ ଭିତରକୁ ପଶିଗଲି । ସେତେବେଳକୁ ବେଶିଲୋକ ସମାଗମ ହୋଇ ନଥାଏ । କାଁ ଭାଁ କିଏ କେଉଁଠି ଜଣେ ଦି'ଜଣ ବସିଥାନ୍ତି । ପାର୍କ ଭିତରେ ବାଡ଼ ପାଖକୁ ଲାଗି ଯାଇଥିବା ସର୍ପିଳ ରାସ୍ତାରେ ଅନ୍ୟମନସ୍କ ଭାବେ ଯାଉଥାଏ । ମନେ ମନେ ଆସନ୍ତାକାଲି ଯିବାକୁ ଥିବା ଦିଲ୍ଲୀ ଗସ୍ତ ସଂପର୍କରେ ଭାବୁଥାଏ । ହଠାତ୍ ଗୋଟିଏ ଦୃଶ୍ୟଦେଖି ହତ୍‌ବତ୍‌ହୋଇଗଲି ।

ଓଃ ! ଏମାନେ ! ! ନଦେଖିଲା. ପରି କିଛି ପାଦ ଆଗକୁ ଯାଇ ଟିକିଏ ଦୂରରେ ଘାସ ଉପରେ ବସିଲି । ସେହି ଝିଅଟିର ମୁହଁ ଚିହ୍ନା ଚିହ୍ନା ଲାଗୁଥିଲା । ମନେମନେ ଭାବୁଥିଲି କେଉଁଠି ଦେଖିଛି, ଥରେ ନୁହେଁ ବାରମ୍ବାର । ମୁହଁଟା ପରିଚିତ ମନେ ହେଉଛି । ମନେପକାଇବାକୁ ଚେଷ୍ଟାକଲି । କିଛି ସମୟ ଭାବିଲା ଭିତରେ ମଧ୍ୟ ସେ ଦୃଶ୍ୟ ମୋତେ ପ୍ରତୀୟମାନ ହେଉଥିଲା । ଯୁବକଟିଏ ଝିଅଟିକୁ କୋଳରେ ବସାଇ ତା'ଓଠରେ ଓଠ ଯୋଡ଼ିଦେଇଥାଏ । ଭାବିଲି ଏମାନେ କ'ଣ ବିଶ୍ୱ ରେକର୍ଡ଼ କରିବାକୁ ବସିଛନ୍ତି ।

ଆକାଶରେ ଭସା ବାଦଲକୁ ଦେଖି ଆଶଙ୍କା ଆସିଲା -ହୁଏତ ବର୍ଷା ହେବ । ଘରକୁ ଶିଘ୍ର ନଫେରିଲେ ଓଦା ହେବାକୁ ପଡ଼ିବ । ଖାଲି ସେତିକି ନୁହେଁ ଘରଣୀଙ୍କ ଠୁ ଗାଳି ବି ଶୁଣିବାକୁ ପଡ଼ିବ । ସେଦିନ ଘରମୁହାଁ ହୋଇ ଫେରି ଆସିଲି ।

❖❖❖

Digitized by srujanika@gmail.com

ଜହ୍ନ ଦେଖୁଥିବା ମଣିଷଟି

ଶ୍ୟାମାନନ୍ଦ ବାବୁ ତରତର ହୋଇ ଟ୍ରେନ୍‌ରୁ ଓହ୍ଲାଇ ଅଫିସ୍ ଆଡ଼କୁ ମାଡ଼ି ଚାଲିଥିଲେ। ବିଲ୍‌ଟା ଅଫିସ୍‌ରୁ ଟ୍ରେଜେରୀ ଗଲାକି ନାହିଁ ଦେଖିବାକୁ ପଡ଼ିବ। ଆଉ ମାତ୍ର ଆଠଦିନ ରହିଲା ଝିଅ ବାହାଘର। ଶ୍ୟାମାନନ୍ଦବାବୁଙ୍କ କାନରେ କୁଆଁ କୁଆଁ ରାବ ଶୁଭିଲା। ଏ ରେଲ୍ ଲାଇନ୍‌ର ମେଣ୍ଟାଲ୍ ପଥରରେ ପୁଣି କୁଆଁ କୁଆଁ ରାବ? ହତଚକିତ ହୋଇ ପଡ଼ିଲେ ସେ। ତାଙ୍କ ପାଦ ଆଗକୁ ଚଳି ପାରିଲାନାହିଁ। କିଏ ଯେମିତି ଗୋଡ଼ ଦି'ଟାକୁ ଟାଣି ଧରୁଛି। ବଡ଼ ଝିଅ ରୀନା, ଯାହାର ବାହାଘର ହେବ। ୨୨ବର୍ଷ ତଳେ ହସ୍ପିଟାଲ୍ ବାରଣ୍ଡା ତଳେ ଏକ ନିର୍ଜନ ଶୀତୁଆ ସକାଳରେ ରୀନାକୁ ପାଇଥିଲେ ଶ୍ୟାମାନନ୍ଦ। ଆଜି ପୁଣି ସେଇ କୁଆଁ କୁଆଁ ରାବର ଆକର୍ଷଣ। ସେଇ କୁଆଁ କୁଆଁ ରାବ ଶ୍ୟାମାନନ୍ଦଙ୍କ କାନରେ ଧଉଳି ଏକ୍ସପ୍ରେସ୍ ଟ୍ରେନ୍ ଭଳି ସତେ ଯେପରି ଗର୍ଜନ କରୁଥିଲା।

ହଠାତ୍ ଶ୍ୟାମାନନ୍ଦଙ୍କର ନଜର ପଡ଼ିଲା ରେଲ୍ ଲାଇନ୍ ପାଖ ଅମରି ବୁଦା ମୂଳକୁ। ଓଃ କି ସୁନ୍ଦର! ଗୋରା। ସଦ୍ୟଜାତ ଶିଶୁ କନ୍ୟା ସନ୍ତାନଟିଏ। ଶ୍ୟାମାନନ୍ଦଙ୍କ ଅବଚେତନରେ କେତେବେଳେ ତାଙ୍କ ହାତ ଦୁଇଟି ସେହି ସଦ୍ୟଜାତ ଶିଶୁଟିକୁ କୋଳ କରିସାରିଥିଲା। ଓଃ କି ତୃପ୍ତି। ସେଇ ୨୨ବର୍ଷ ତଳର ତୃପ୍ତି। ଯାହାକୁ ସେ ଏପର୍ଯ୍ୟନ୍ତ ଭୁଲି ପାରିନାହାଁନ୍ତି। କନ୍ୟାପିତାର ଆବେଗରେ ଫାଟି ପଡ଼ିଥିଲା ସେଦିନ ଶ୍ୟାମାନନ୍ଦଙ୍କର ଛାତି। ଆଜି କିନ୍ତୁ ଶ୍ୟାମାନନ୍ଦଙ୍କୁ ଭୟ ଲାଗୁଛି କାହିଁକି କେଜାଣି? ଏ କନ୍ୟାଟିକୁ ସେ ପାଳିବେ କେମିତି? ସ୍ତ୍ରୀ ପାଞ୍ଚବରଷ ହେଲା ସ୍ୱର୍ଗପୁରରେ। ନା-ନା, ତଥାପି ସେ ଏହାକୁ ସମାଜରେ ବଞ୍ଚେଇ ରଖିବେ। ତାର ପରିଚୟ ସୃଷ୍ଟି କରିବେ। ସେ ସୀତା-ସେ ସାବିତ୍ରୀ।

❖❖❖

Digitized by srujanika@gmail.com

ଶୂନ୍ୟ ପଞ୍ଜୁରି

ରାମହରି ମହାପାତ୍ର ଇନ୍ଦିରା ପାର୍କରେ ବସି ଏକଲୟରେ ସଚିବାଳୟ ଆଡ଼କୁ ଚାହିଁରହି ଗତ ପଇଁତିରିଶି ବର୍ଷର କଥା ଭାବୁଛନ୍ତି । ଏହା ଭିତରେ ଦୁଇ ବର୍ଷ ହେଲାଣି ଅବସର ଜୀବନ କଟାଉଛନ୍ତି ରାମହରିବାବୁ । ପୁଅ-ବୋହୂ ସୁଦୂର ଆମେରିକାରେ । ବର୍ଷରେ ଥରେ ଅଧେ ଆସନ୍ତି । ପୁଣି ଆଠଦିନ କୁଣିଆପରି ରହି ଫେରିଯାଆନ୍ତି ।

ପାର୍କର ଲାଇଟ୍ ଜଳି ଉଠିଲା । ରାମହରିବାବୁ ଅଧିକ ଅନ୍ୟମନସ୍କ ହୋଇ ପଡୁଛନ୍ତି । ଆକାଶରେ ଖରାଦିନିଆ ଭସାବାଦଲ । ସେ ଦିନ ଥିଲା ମାର୍ଚ୍ଚ ମାସର ଏକ ମାଦକଭରା ସଂଧ୍ୟା । ଅଫିସ୍ କାମ ବହୁତ ଥିଲା । କାମବ୍ୟସ୍ତତା ଭିତରେ ରାତି ୭ଟା ହେବ, ହଠାତ୍ ଫୋନ ପାଇ ରାମହରିବାବୁ ବ୍ୟସ୍ତ ହୋଇପଡ଼ିଲେ । ସ୍ତ୍ରୀ ମଞ୍ଜୁ କୋଠାଘର ଶିଡ଼ିରୁ ଖସି ପଡ଼ିଛି ।

ଘରେ ପହଞ୍ଚିଲା ବେଳକୁ ସବୁ ସରିଯାଇଥିଲା ।

ମଞ୍ଜୁର ନିସ୍ତେଜ ଦେହଟା ଖଟ ଉପରେ ପଡ଼ିରହିଥିଲା ।

...ତା'ପରଠାରୁ ରାମହରି ଅଫିସ କାମରେ ମନ ଦେଇ ମଞ୍ଜୁକୁ ଭୁଲି ଯିବାକୁ ଚେଷ୍ଟା କରନ୍ତି । ଏପ୍ରିଲ ଏକ ତାରିଖର ସେହି ପାର୍କ ଭିତରେ ରାମହରି ଖୋଜିବାକୁ ଲାଗିଲେ । ଆଉ ଆକାଶକୁ ଚାହିଁଲେ ସତେ ଅବା ମଂଜୁ ତାଙ୍କ ପାଇଁ ସ୍ୱର୍ଗରେ ଥାଇ କ'ଣ ବାର୍ତ୍ତା ଦେବ ବୋଲି ।

❖❖❖

Digitized by srujanika@gmail.com

ଶେଫାଳୀର ଶେଷଚିଠି

ବି.ଜେ.ବି କଲେଜରେ ପଢୁଥିଲା ବେଳେ ତରୁଣ ମନ୍ଦାକିନୀର କେବଳ ସହପାଠୀ ନଥିଲା, ତା'ର ଗାଇଡ୍, ଫ୍ରେଣ୍ଡ ଓ ଫିଲୋସଫର ଥିଲା। କଲେଜ ଜୀବନ ଶେଷପରେ ବି ମନ୍ଦାକିନୀ ପ୍ରତ୍ୟେକ ପଦକ୍ଷେପ ନେବା ପୂର୍ବରୁ ତରୁଣର ଉପଦେଶ ମାଗୁଥିଲା।

ଖବର କାଗଜପଢୁ ପଢୁ ତରୁଣର ଆଖି ପଡ଼ିଲା ଗୋଟିଏ ଖବର ଉପରେ। ପ୍ଲେନ୍ କ୍ରାସରେ ଓଡ଼ିଆ ବୈଜ୍ଞାନିକ ମନ୍ଦାକିନୀ ମହାପାତ୍ରର ମୃତ୍ୟୁ ହୋଇଛି।

ଆଖିକୁ ବିଶ୍ୱାସ କରିପାରିଲାନି ତରୁଣ। ଗଲା ମାସ ମନ୍ଦାକିନୀ ତରୁଣ ପାଖକୁ ଲେଖିଥିଲା- 'ତୁମକୁ ତରୁଣ ଗୋଟିଏ' ନୂଆ ଉପହାର ଦେବି।'

ସେଦିନ ତରୁଣ ଭାବି ପାରି ନଥିଲା ମନ୍ଦାକିନୀ ତାକୁ କି ପ୍ରକାର ଉପହାର ଦେବ।

ତରୁଣ ଡ୍ରଇଂରୁମର ଟେବୁଲ ତଳୁ ମନ୍ଦାକିନୀର ସେଇ ଚିଠିଟିକୁ ଖୋଲି ବାରମ୍ବାର ପଢ଼ିବାକୁ ଲାଗିଲା। ସେହି ଚିଠି ପଢ଼ା ତା'ର ସରୁ ନାହିଁ।

ସେ ଥିଲା ମନ୍ଦାକିନୀର ଶେଷ ଚିଠି। ତରୁଣ ଆଖିରୁ ଝରି ପଡୁଥିଲା ଲୁହ କେଇ ଟୋପା।

❖❖❖

Digitized by srujanika@gmail.com

ତଟ ଦୟାନଦୀ

ନିର୍ଜନ ରାତି। ଉପବନର ଶେଷ ସୀମାକୁ ଲାଗି ଦୟାନଦୀ କୁଳୁକୁଳୁ ନାଦରେ ବହି ଚାଲିଛି। ଆକାଶରେ ମଳିନ ଜହ୍ନ। ଦୟାନଦୀର ଉତ୍ତର ପଟେ ଚଣ୍ଡାଶୋକଙ୍କ ଯୁଦ୍ଧଶିବିର।

ବିଚଳିତ ହୋଇ ପଡୁଥିଲେ ରାଜଜେମା କାରୁବାକୀ। ନା-ନା ଆଜି ତାକୁ ଶେଷ ନିଷ୍ପତ୍ତି ନେବାକୁ ପଡ଼ିବ। ତା ପାଇଁ ଲକ୍ଷେ ପ୍ରଜାଙ୍କ ମରଣ ଆଉ ସେ ଦେଖି ପାରିବେନି।

ହେ! ନିଷ୍ଠୁର ଚଣ୍ଡାଶୋକ! "ତୁମେ ଫେରି ଯାଅ। ତୁମ ଇଚ୍ଛା ପୂରଣ ହୋଇ ପାରିବନି। କଳିଙ୍ଗର ରାଜକନ୍ୟା କେବେ ଚଣ୍ଡାଶୋକ ପରି ବର୍ବରର ପ୍ରେମର ପାତ୍ରୀ ହୋଇ ନ ପାରେ।"

ରାଜଜେମା କାରୁବାକୀଙ୍କ ଶବ୍ଦଗୁଡ଼ିକ ଧଉଳି ପାହାଡ଼ରେ ପ୍ରତିଧ୍ୱନିତହୋଇ ଫେରି ଆସୁଥିଲା।

ରାତ୍ରୀର ଶେଷ ପ୍ରହରରେ ବିଲୁଆଙ୍କ ଶେଷ ଶବ୍ଦ କେବଳ ଶୁଭୁଥିଲା ଦୟାନଦୀର କୂଳେ।

-ସୂର୍ଯ୍ୟୋଦୟ ପରେ ଦୟାନଦୀରେ ସେତେବେଳକୁ କାରୁବାକୀଙ୍କ ଶବ ଭାସିଉଠି କୂଳରେ ଲାଗିରହିଥିଲା।

❖❖❖

Digitized by srujanika@gmail.com

ଅଭିଶପ୍ତ ରାଜପ୍ରାସାଦ

"କୁହ, କୁହ, ଆର୍ଯ୍ୟପୁତ୍ର ! ମୋର ଅପରାଧ କେଉଁଠି ! । ରାଜକନ୍ୟା, ରାଜବଧୂ ହିସାବରେ ମୋର ସ୍ୱପ୍ନ କଣ ବ୍ୟର୍ଥ ହେବ ?" ବାରମ୍ବାର ପ୍ରଶ୍ନ କରି ବିଚଳିତ ହୋଇ ପଡୁଥିଲେ ଲୁମ୍ବିନୀର ରାଜବଧୂ ଗୋପା ।

ତଥାପି ଗୌତମ ଅବିଚଳିତ । ପ୍ରଶାନ୍ତ ଓ ଗାମ୍ଭୀର୍ଯ୍ୟର ଛାୟା ଗୌତମଙ୍କୁ ଅଧିକ ରହସ୍ୟମୟ କରିଦେଉଥିଲା ।

ଅବାରିତ ଅଶ୍ରୁ ଗୋପାଙ୍କ ମୁଖମଣ୍ଡଳକୁ ଅସ୍ତଗାମୀ ଚନ୍ଦ୍ର ପରି ମ୍ଳାନ କରି ଦେଉଥିଲା । ରାତ୍ରିର ନିର୍ଜନତା ମଧ୍ୟରେ ଗୋପାଙ୍କ ପ୍ରଶ୍ନ ରାଜପ୍ରାସାଦର କାନ୍ଥରେ ବାଜି ଫେରିଆସୁଥିଲା ।

କୁହ, କୁହ ଆର୍ଯ୍ୟପୁତ୍ର-ମୋର ଜନ୍ମଲଗ୍ନ ଅଶୁଭଥିଲା, ନା ମୋର ଯୌବନ, ନା-ଲୁମ୍ବିନୀର ରାଜପ୍ରାସାଦ ! ! !

❖❖❖

Digitized by srujanika@gmail.com

ଚିତ୍କାର

ଭୁବନେଶ୍ୱର ଷ୍ଟେସନ। ଆସ୍ତେ ଆସ୍ତେ ଟ୍ରେନ୍‌ର ବେଗ ବଢ଼ିବାକୁ ଲାଗିଲା। କୋଳାହଳକୁ ଟପି ଗୋଟିଏ ସ୍ତ୍ରୀ ଲୋକର ଚିତ୍କାର ଶୁଭୁଥିଲା।

ସ୍ତ୍ରୀଲୋକଟିର ବେଶଭୂଷା ପୁରାପୁରି ଗାଉଁଲି।

ସେ ଖାଲି-ଶିବ-ଶିବ ଚିତ୍କାର କରୁଥାଏ। କିଛିଲୋକ ତାଟକା ହୋଇ ଦେଖୁଥାନ୍ତି।

ରେଲୱ୍ୱେ ପୋଲିସିଟିଏ ଆସି ପଚାରିଲା- ହେ ! ପାଗଳୀ, ତୁ କାହାକୁ ଡାକୁଛୁ ! ସ୍ତ୍ରୀ ଲୋକଟି ଉତ୍ତରଦେଲା-ଶିବ, ଶିବ, ମୋ ସ୍ୱାମୀ। ପୁଣି ପୋଲିସିଟି ପଚାରିଲା ତୋ'ନାଁ କଣ- 'ପାର୍ବତୀ'।

ସମସ୍ତଙ୍କ କୋଳାହଳରେ ସ୍ତ୍ରୀଲୋକଟିର ଚିତ୍କାର ଅର୍ଥହୀନ ହୋଇ ପଡୁଥିଲା।

❖❖❖

Digitized by srujanika@gmail.com

ଛବି

ଜୟଦେବଭବନରେ ଚାଲିଛି ଆର୍ଟ ଏକ୍‌ଜିବିସନ । ସୁଦାମବାବୁ ଜଳ ସଂପଦ ବିଭାଗର ଜୁନିୟର ଇଂଜିନିୟର । ଭୁବନେଶ୍ୱର ରାଜମହଲ ପାଖରେ ତାଙ୍କର ଏକ ବିରାଟ ଅଟ୍ଟାଳିକା । ଜୀବନକୁ ଉପଭୋଗ କରି ଆସି ପଚାଶ ବର୍ଷରେ ସୁଦାମବାବୁ ପଦାର୍ପଣ କରିସାରିଛନ୍ତି ।

ଗ୍ୟାଲେରୀରେ ଛବି ଦେଖୁଦେଖୁ ଗୋଟିଏ ଗ୍ରାମ୍ୟବଧୂ ଛବି ନିକଟରେ ସ୍ୱତଃ ଅଟକିଗଲେ ସୁଦାମବାବୁ । ଛବିଭିତରେ ସୁଦାମବାବୁଙ୍କ ତିରିଶି ବର୍ଷର ଅତୀତ ନାଚିଉଠିଲା । ଠିକ୍ ସେହିନାକ, -ସେହି ଆଖି... ସେହି ନାଲି ଓଠ... ।

ଗାଁ ସ୍କୁଲରେ ପାଠପଢୁଥିଲେ । ରାମସାରଙ୍କ ଝିଅ ରୀନା ତା'ର ସହପାଠିନୀ ଥିଲା । ଖୁବ୍ ଭଲ ପାଉଥିଲେ ପରସ୍ପରକୁ । ରୀନା ଗାଁ'ରେ ରହିଯାଇଥିଲା । ଆଉ ସୁଦାମବାବୁ ରାଉରକେଲାରେ ଯାଇ ଇଂଜିନିୟରିଙ୍ଗ୍ ପଢ଼ିଲେ । ବଡ଼ଧନୀ ଘରଝିଅକୁ ବାହା ହେଲେ । ରୀନା ପରି ଛବିଟିର ଚେହେରା ପୂରାମିଶିଯାଉଥିଲା ।

ସୁଦାମବାବୁ ଭାବୁଥିଲେ ସୁଯୋଗ ମିଳନ୍ତାକି ଛବିଟିକୁ ଜାକି ଧରି ପଚାରନ୍ତେ ରୀନା.... ରୀନା.... ମତେ କ୍ଷମା କର । ମତେ କ୍ଷମା କର ।

ସୁଦାମଙ୍କ ଆଖିରେ ଝରି ପଡ଼ିଲା କେଇ ଟୋପା ଅତୃପ୍ତିର ଲୁହ ।

❖❖❖

Digitized by srujanika@gmail.com

ଅଲୋଡ଼ା

ସତ୍ୟାନନ୍ଦ ବାବୁ ମର୍ଣ୍ଣିଂ ୱାକ୍‌ରେ ଗଲାବେଳେ ଭାରି ମଜାଳିଆ କଥା କହି ହସାଇ ବେଦମ୍ କରିଦିଅନ୍ତି । ସ୍ତ୍ରୀ ଅନେକଦିନୁ ସ୍ୱର୍ଗବାସିନୀ ହୋଇ ସାରିଥିଲେ ମଧ୍ୟ କେବେ ସେ ଭାଙ୍ଗି ପଡ଼ିବାର ବା ଅନ୍ୟ ସାଥୀମାନଙ୍କ ପରି ସ୍ତ୍ରୀର ସ୍ମୃତିଚାରଣ କରି ଦୁଃଖ କରନ୍ତିନି । ସବୁ ଛାଡ଼ିଦିଅନ୍ତି ଭାଗ୍ୟ ଉପରେ ।

ଯିଏ ଯେତେବେଳେ ପଚାରନ୍ତି କେମିତି ଅଛନ୍ତି ସତ୍ୟାନନ୍ଦ ବାବୁ ? 'ଜଗନ୍ନାଥଙ୍କ ଦୟାରୁ ସବୁ ଠିକ୍ ଠାକ୍ ଚାଲିଛି' ହସି ହସି କହନ୍ତି ସତ୍ୟାନନ୍ଦବାବୁ ।

ଗତସପ୍ତାହଠାରୁ ସତ୍ୟାନନ୍ଦବାବୁ ଅନ୍ୟମନସ୍କ ରହୁଥିବାର ସବୁ ମର୍ଣ୍ଣିଂ ୱାକ୍‌ର ସାଥୀମାନେ ଅନୁଭବ କରୁଥିଲେ । ସାମନ୍ତବାବୁ ପଚାରିଲେ- "କ'ଣ ହୋଇଛି ! ସତ୍ୟାନନ୍ଦବାବୁ ଆପଣ ଏଇ କେତେଦିନ ହେଲା ବହୁତ ଅନ୍ୟମନସ୍କ ରହୁଛନ୍ତି ! !"

ସତ୍ୟାନନ୍ଦବାବୁ ଆବେଗଭରା କଣ୍ଠରେ କହିଲେ ଆଜିକାଲିର ପଢୁଆ ପୁଅ ବୋହୂ ଆଉ ବିଦେଶୀ ହେଲାପରେ ବାପାମାନେ ଏତେ ଆଲୋଡ଼ା ହୋଇ ଯାନ୍ତି.... । ସମସ୍ତେ ନୀରବ ରହିଥିଲେ ସେଦିନ ।

❖❖❖

Digitized by srujanika@gmail.com

ବିଧର୍ମୀ

ରମାକାନ୍ତବାବୁ ନିଜକୁ ବିଧର୍ମୀ ବୋଲି ଭାବୁଛନ୍ତି। ତାଙ୍କ ଅଫିସ୍‌ରେ ସମସ୍ତେ ବସି ମନ୍ଦିର ଯିବା ଆଉ ଦେବପୂଜାର ନିଜ ଅନୁଭୂତି ବଖାଣନ୍ତି।

ରମାକାନ୍ତ କେବେ ମନ୍ଦିର ଯାଏନି କି ପୂଜା ଫୁଲ ଠାକୁରଙ୍କ ଠାରେ ଚଢ଼ାଇ ନାହିଁ। ଅଫିସ୍ କାମ୍ ଭଲତ ସେ ଭଲ। ଗୋଟିଏ କଥାକୁ ଜୀବନରେ ଆଦର୍ଶ ଭାବେ ଗ୍ରହଣ କରିଛି। ତାହା ହେଉଛି-କର୍ମ ହିଁ ଭଗବାନ।

-କଣ ହେଲା ଏ ଆଦର୍ଶକୁ ଦୀର୍ଘ କୋଡ଼ିଏ ବର୍ଷଧରି। ଶିବପ୍ରସାଦ ତା'ଠାରୁ କେତେ ଜୁନିୟର। ଏବେ ସେ ପ୍ରମୋସନ ପାଇ ଅଣ୍ଡର ସେକ୍ରେଟାରୀ। ରମାକାନ୍ତ ଯେଉଁ କିରାଣୀକୁ ସେଇ କିରାଣି।

-ଆଜିର ଯୁଗଧର୍ମ କ'ଣ ପାଳିବାରେ ରମାକାନ୍ତ ଅସମର୍ଥ। ସେ କଣ ବିଧର୍ମୀ।। ଏଭଳି ପ୍ରଶ୍ନ ରମାକାନ୍ତଙ୍କ ଭାବନାକୁ ଗୋଳମାଳିଆ କରିଦେଉଥିଲା।

❖❖❖

Digitized by srujanika@gmail.com

କୋଣାର୍କ

ସୂର୍ଯ୍ୟୋଦୟ ପୂର୍ବରୁ ଅବିନାଶ ବାବୁ କୋଣାର୍କରେ ପହଞ୍ଚି ସାରିଥିଲେ। ସୂର୍ଯ୍ୟୋଦୟ ଦେଖିବେ। କଲେଜ ପଢ଼ା ସମୟରୁ ଅଭିଳାଷ ଥିଲା। ଚନ୍ଦ୍ରଭାଗାର ଏକ ଲଜ୍‌ରେ ସ୍ତ୍ରୀ ରୀମା ଓ ପାଞ୍ଚବର୍ଷର କନ୍ୟା ଆମିନକୁ ଛାଡ଼ି ଆସିଛନ୍ତି ସେ-।

ବହୁବର୍ଷର ପ୍ରତୀକ୍ଷା। ଇତିହାସ ପାଠ ପଢ଼ିଲାବେଳେ ଲାଙ୍ଗୁଳାନରସିଂହ ଦେବଙ୍କ ପ୍ରତି କେମତି ଗୋଟିଏ ଅହେତୁକ ଅନୁକଂପା ସୃଷ୍ଟିହୋଇ ସାରିଥିଲା ସେଦିନ।

ନିର୍ଜନ କୋଣାର୍କ। ଗୁଣୁଗୁଣୁ ସ୍ୱରଶୁଣି ହଠାତ୍ ଚମକି ପଡ଼ିଲେ ଅବିନାଶ। ଧରମା ମା'ର କଣ୍ଠ ସ୍ୱର। "ମୋ ପୁଅକୁ ଫେରାଇ ଦିଅ ମହାରାଜ। ମୋ ପୁଅକୁ ଫେରାଇଦିଅ। ନହେଲେ ତୁମ କୀର୍ତ୍ତି ଧ୍ୱଂସ ହୋଇଯିବ ମହାରାଜ।"

ସୂର୍ଯ୍ୟୋଦୟ ହେବା ସଙ୍ଗେସଙ୍ଗେ ସେ କଣ୍ଠସ୍ୱର ନୀରବ ହୋଇଆସୁଥିଲା। ଅବିନାଶ ଖାଲି ଚାହିଁରହିଥିଲା ଇତିହାସର ସେହି ଜୀର୍ଣ୍ଣ ପୃଷ୍ଠାକୁ।

❖❖❖

Digitized by srujanika@gmail.com

ସଂପର୍କ

ସୁରେଶବାବୁ ଓ ରମାକାନ୍ତ ଏକାବୟସର ପୁଣି ଏକା ଗୋଟିଏ ଅଫିସରେ କାମ କରନ୍ତି । ଚାକିରିରେ ଏକାଦିନେ ଜଏନ୍ କରିଥିଲେ ।

ବାହାଘର ସେମାନଙ୍କର ଏକାବର୍ଷ ଏକା ମାସରେ । ଖାଲି ତାରିଖ ଅଲଗା । ଉଭୟଙ୍କ ପରିବାରର ସଂପର୍କରେ ଗଭୀର ମଧୁରତା ଥିଲା ।

ରମାକାନ୍ତର ଯେଉଁ ଦିନ ପ୍ରମୋଶନ ହୋଇ ଓ.ଏ.ଏସ୍. ଭାବେ ବରୀ ବ୍ଲକ ବି.ଡ଼ି.ଓ ଭାବେ ଜଏନ୍ କରିବାପାଇଁ ଅର୍ଡ଼ର ପାଇଲା, ସେ ଦିନ ସୁରେଶ ସ୍ତ୍ରୀ କାମିନୀ ପାଖରୁ ଭର୍ତ୍ସନା କେବଳ ଶୁଣିଥିଲା ।

ତା ପୌରୁଷକୁ ସେଦିନ ବାଧିଥିଲା ନିଜେ ଅପାରଗ ବୋଲି ।

ଅଫିସ୍‌ରେ ବିଦାୟକାଳୀନ ସଭାରେ ସମସ୍ତେ ରମାକାନ୍ତଙ୍କ ପ୍ରଶଂସା କରିବାରେ ଶତମୁଖର ହୋଇ ପଡୁଥିଲେ ।

ସୁରେଶ କିଂତୁ ସେଠାରେ ନ ଥିଲା । ତା'ପର ଠାରୁ ସେ ଅଫିସ୍ ଆସିବାର କେହି ଦେଖି ନାହାଁନ୍ତି କି କେଉଁ ଆଡ଼େ ଗଲା ତା'ର ମଧ୍ୟ ପତ୍ତା ମିଳି ନଥିଲା ।

❖❖❖

Digitized by srujanika@gmail.com

ଅବ୍ୟକ୍ତ ଅଭିଳାଷ

ଅପରାହ୍ନର ନିର୍ଜନ ବେଳାଭୂମି। ସୁବୋଧ ନାୟକ ଚିନ୍ତାମଗ୍ନ ହୋଇ ପଡୁଥିଲେ। ସ୍ମୃତିର ପାଖୁଡ଼ା ଖୋଲି ଯାଉଥିଲା ଦୀର୍ଘ ୨୫ ବର୍ଷର ଇତିହାସ ଭିତରେ। ସିତୁର ଆଖି ଦୁଇଟିର ଇସାରା ନାଚି ଉଠୁଥିଲା ସୁବୋଧଙ୍କ ସମ୍ମୁଖରେ। କାନଭାସ୍‌ରେ ତୂଳୀ ଅଟକି ଯାଉଥିଲା। ସିତୁର ଆଖିର ରଙ୍ଗ ବଦଳିଯାଇଥିଲା। ସେଇ ସିତୁ ଏବେ ଆମେରିକାରେ। ଆଇ.ଟି. ଇଂଜିନିୟର ସତ୍ୟ ପ୍ରକାଶଙ୍କ କୂଳବଧୂ।

ସମୁଦ୍ରର ଢ଼େଉ ଭିତରେ ସୁବୋଧ କାହାର ଗୋଟିଏ ସ୍ପର୍ଶ ଅନୁଭବ କରୁଥିଲେ। କାହାର ଅଲୁଳାୟିତ ବେଣୀ ସତେ ଯେ ପରି ଲୋଟି ପଡୁଥିଲା ସୁବୋଧଙ୍କ ପାଦତଳେ।

......ସେ ଦିନର ସେହି ନିର୍ଜନ ବେଳାଭୂମି ଆଜି ସୁବୋଧଙ୍କୁ ପୂରାପୂରି ଏକାକୀ କରିଦେଇଛି।

❖❖❖

Digitized by srujanika@gmail.com

ଶେଷ ଶ୍ରାବଣ...

ରାତିସାରା ଭୀଷଣ ବର୍ଷା। ଏବର୍ଷ ଏଭଳି ବର୍ଷା କେବେ ହୋଇ ନ ଥିଲା। ରାମହରି ତିରିଶି ବର୍ଷ ତଳର ସେଇ ଶ୍ରାବଣ ରାତିର ସ୍ମୃତିକୁ ମନେ ମନେ ଆଙ୍କି ଚାଲିଛନ୍ତି।

ରୀନା ଅପା।। ସ୍ୱାମୀଠାରୁ ଅନେକ ଦିନ ହେଲା ଅଲଗା ହୋଇ ରହୁଥିଲେ।

ଭାରି ସୁନ୍ଦରୀ ରୀନା ଅପା। ସେ କହୁଥିଲେ ସେ କୁଆଡ଼େ କଲେଜ କୁଇନ୍ ଥିଲେ।

"ତୁ ଆଜି ରାତିରେ ଆମ ଘରେ ରହିଯିବୁ ରାମହରି। ଭାରି ଏକୁଟିଆ ଲାଗୁଛି ଏ ଶ୍ରାବଣ ରାତିଟା।"

-ଭାରି ଆବେଗରେ ରୀନା ଅପା କହି ଚାଲିଥିଲେ। ସେଦିନର ଶ୍ରାବଣ ରାତି ଆଜି ଠାରୁ ଆହୁରି ବେଶୀ ଭୟଙ୍କର ଥିଲା। ରୀନା ଅପା ରାମହରିକୁ ଟାଣି ନେଇଥିଲେ ତା'ର ଖୋଲା ଛାତି ଉପରକୁ। ରାତି ସରିଯାଇଥିଲା ବଡ଼ଦାଣ୍ଡର କୋଳାହଳରେ।

-ଯେବେ ଶ୍ରାବଣ ଆସେ, ରାମହରି ଫେରି ଯାଆନ୍ତି ସହରର ସେଇ ଗଳିକୁ। ଏବେ ରୀନା ଅପା ସ୍ୱର୍ଗରେ। ସାରାଜୀବନ ପାଇଁ ସେ ରାତି ଶେଷ ଶ୍ରାବଣର ରାତି ହୋଇ ରହିଯାଇଥିଲା ରାମ ହରିଙ୍କ ଜୀବନ ଇତିହାସରେ।

❖❖❖

Digitized by srujanika@gmail.com

ଆକ୍ରୋଶ

ସଜ୍ଜନବାବୁ ସକାଳୁ ସକାଳୁ ପଞ୍ଜୁରୀ ଭିତରେ
ଶୁଆଟିକୁ ନଦେଖି ବିରକ୍ତି ପ୍ରକାଶ କଲେ।

-କିଏ ଖୋଲି ଦେଲା ଏ ପଞ୍ଜୁରୀକୁ!

- ତମେ ଏ ପଞ୍ଜୁରୀକୁ ଖୋଲି ଦେଲ ମମତା?
ଜାଣିଛ! ଏ ଶୁଆର ଭାଗ୍ୟ ହେଉଛି ସେ ପଞ୍ଜୁରୀରେ
ଜୀବନ ବିତେଇବ, ଆଉ ଆମ ଦୟାରେ ଖାଦ୍ୟ ପାଇବ।

ସଜ୍ଜନ ବାବୁ ଶୁଆଟିକୁ ପଞ୍ଜୁରୀରେ ପୂରାଇ
ତାଲା ଦେଇ ଦେଲା ପରେ ଚରମ ଆଶ୍ୱସ୍ତି ଲାଭକଲେ।

❖❖❖

Digitized by srujanika@gmail.com

ବାଦୁଡ଼ି ଓ ଆମ୍ବଗଛ

ବାଦୁଡ଼ି ବସିଥିବା ସେଇ ଗାଁ'ମୁଣ୍ଡ ଆମ୍ବ ଗଛଟାରେ ଦିନେ କୁଆଡୁ ବଡ଼ ଢେଲାଟିଏ ଖୁବ୍ ଜୋର୍‌ରେ ଆସି ପିଟି ହୋଇଗଲା । ଶହ ଶହ ବାଦୁଡ଼ି ଗଛ ଛାଡ଼ି ଉଡ଼ିଗଲେ କିଚିରି ମିଚିରି କରି ।

ହେଲେ ଗୋଟିଏ ବାଦୁଡ଼ି ସେମିତି ଓହଳି ଥାଏ । ଆଉ ଗୋଟାଏ ଟେକା ପୁଣି ଆସି ବାଜିଲା । ବାଦୁଡ଼ି ଖସିଲାନି । ଖାଲି ଯାହା ଟିକେ ହଲିଗଲା ।

ତା'ମୁହଁରୁ ଟୋପା ଟୋପା ରକ୍ତ ଝରି ମାଟିକୁ ଓଦା କରିଦେଲା ।

ଜଣେ କହିଲା ନା ନା ଆଉ ଟେକା ମାରନା । ସେ ତଳକୁ ଖସିବନି ।

ଜଣେ ଜଣେ ସେମିତି ଥାଆନ୍ତି, ମରିବେ ପଛେ ଭିଟାମାଟି ଛାଡ଼ିବେନି ।

ମାଟି କାମୁଡ଼ି ପଡ଼ିଥିବେ ସାତ ପୁରୁଷ ଧରି ।

❖❖❖

Digitized by srujanika@gmail.com

ଝିଅ ଓ ଖେଳନା

ଭାବିଥିଲି ଖେଳନାଟା ଦେଇ ଦେଲେ ଝିଅ ତା'କାନ୍ଦ ବନ୍ଦ କରିଦେବ। ଝିଅର ଏକା ଜିଦ୍ ସେ ଗୋଟେ ଉଡ଼ାଜାହାଜ ଖେଳନା କିଣିବ।

ଝିଅ ଭାବୁଥିଲା ଉଡ଼ାଜାହାଜ ନେଇ ତା'ସାଥି ମାନସକୁ ଦେଖେଇବ, କହିବ- 'ତୁ ଏ ମାଟିରେ ବସା ବାନ୍ଧିଥା, ମୁଁ ଏ ଉଡ଼ାଜାହାଜରେ ବାଦଲ ପାଖକୁ ପଳାଇବି। ସେ ମୋତେ ଗେହ୍ଲା କରିବ।'

ଝିଅର ଖେଳନାଟା କିଣିବା ବିରୂପାକ୍ଷ ପାଇଁ ଥିଲା ବଡ଼ ଅସ୍ୱସ୍ତିର କାରଣ। ମାସ ଶେଷ ବେଳକୁ ପକେଟ ଖାଲି ଶୂନ୍ୟ ହୋଇ ଆସୁଥିଲା।

❖❖❖

Digitized by srujanika@gmail.com

ସାର୍ ଗଲାପରେ

ସାର୍ ଆମ ସମସ୍ତଙ୍କର ଗୁରୁଥିଲେ । ତାଙ୍କ ଯୋଗୁ ଆମେ ଅନେକ ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମକରା ଅଧ୍ୟାପକ । ଖବର ଆସିଲା ସାର୍ଙ୍କ ମୃତଦେହ ପୁନାରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ ସକାଳ ପାଞ୍ଚଟାରେ ।

ବିମାନ ବନ୍ଦର ଗେଟ୍ ପାଖରେ ରାସବିହାରୀ ଏକାକୀ ଅପେକ୍ଷାରେ ଥିଲେ । ସାତଟା ବାଜିଲା, ତଥାପି କାହାର ଦେଖା ନାହିଁ ।

ସାର୍ଙ୍କ ପଢ଼ାଇବାର ଶୈଳୀଥିଲା ନିଆରା । ପ୍ରତ୍ୟେକଟି କ୍ଲାସ୍‌ରେ ଜୀବନର ଅସାରତା, ଅନିତ୍ୟତା କଥା କହିଲା ପରେ ଅନ୍ୟ ପାଠ ପଢ଼ାଉଥିଲେ ।

ସାର୍ଙ୍କ ଶବ ପହଞ୍ଚିବ । ବୋଧେ ପ୍ଲେନ୍ ଲେଟ୍ ଅଛି ।

❖❖❖

Digitized by srujanika@gmail.com

କବିତାଲେଖା

ଖଗେଶ୍ୱର ମହାନ୍ତି ଭଲ କବିତା ଲେଖନ୍ତି । ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କ ରୁମ୍ ଖାଲି ପୁରସ୍କାର ଆଉ ସମ୍ମାନପତ୍ରରେ ଭର୍ତ୍ତି । ବୟସ ଆସି ଅଶୀ ହେଲାଣି । ସ୍ତ୍ରୀ ଆଉ ପରିବାର ଠାରୁ ୪୦ବର୍ଷ ଧରି ବିଚ୍ଛିନ୍ନ ।

ଏବେ ସହରର ଏକ ସୌଖିନ୍ ଫ୍ଲାଟରେ ରହୁଛନ୍ତି ଖଗେଶ୍ୱର ବାବୁ । ଯୁବକ ସମୟରେ ଅଧ୍ୟାପକ ଥିଲାବେଳେ ଗୀତା ମହାନ୍ତି ଛାତ୍ରୀ ଥିଲା । ତାକୁ ପ୍ରେମ କରିବା ଥିଲା ଖଗେଶ୍ୱରଙ୍କ କବିତା ଲେଖିବାର ଆଦ୍ୟ ଇତିହାସ ।

ସକାଳର ଚା'ପାନ ପରେ କବିତା ଲେଖିବା ଆରମ୍ଭ କଲେ ଖଗେଶ୍ୱର ଭୁଲି ଯାଆନ୍ତି କେତେ ସମୟ ହେଲାଣି ।

- ଏବେ ଗୀତା ପ୍ରଫେସର । ବୁଢ଼ୀ ହୋଇ ସାରିଲାଣି । ଖଗେଶ୍ୱର ବାବୁ ଯେତେ ଚେଷ୍ଟାକଲେ ବି କବିତା ଲେଖା ସାରିପାରୁ ନାହାନ୍ତି ।

ସବୁ କବିତା ଅସଂପୂର୍ଣ୍ଣ ହୋଇ ଟେବୁଲ ଡ୍ର'ରେ କେବଳ ରହିଯାଉଛି ।

Digitized by srujanika@gmail.com

ତଥାପି ନିଜର

କଟକ ରେଳ ଷ୍ଟେସନର ପ୍ଲାଟଫର୍ମର ଏକ ନିର୍ଜନ ବେଞ୍ଚ ଉପରେ ବସିଛନ୍ତି ରମେଶବାବୁ। ରାଜ୍ୟ ସରକାରଙ୍କ ପଦସ୍ଥ ଅଫିସର। ପରିବହନ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ।

ରେଭେନ୍ସା କଲେଜର ସହପାଠିନୀ ସରିତା। ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡଃ. ସରିତା ମହାକୁଡ଼।

ରାଜଧାନୀ ଏକ୍ସପ୍ରେସ୍‌ରେ କଟକ ଆସୁଛି।

ଫୋନ୍ ପାଇ ରମେଶବାବୁ ସକାଳ ଚାରିଟାରୁ ଆସି ଚାହିଁ ବସିଛନ୍ତି।

କଲେଜ ସମୟର ରୋମାଣ୍ଟିକ୍ କାହାଣୀର ସରିତା ଥିଲା ମୁଖ୍ୟ ନାୟିକା।

ବୈବାହିକ ଜୀବନର କୋଡ଼ିଏ ବର୍ଷପରେ କଲେଜର ରୋମାଣ୍ଟିକ୍ ଇତିହାସ ଲିଭି ଲିଭି ଆସିଲାଣି।

-ଭାରି କ୍ଲାନ୍ତ ଲାଗିଲାଣି। ଏତେ ଲେଟ୍ ଏ ଟ୍ରେନ୍‌ଟା।।

ତଥାପି ସରିତା ଦେବୀଙ୍କ ରୋମାଣ୍ଟିକ୍ ସ୍ମୃତି ପୂରା ହଜି ପାରୁନି ରମେଶ ବାବୁଙ୍କ ଜୀବନ ପୃଷ୍ଠାରୁ।

❖❖❖

Digitized by srujanika@gmail.com

ଅନ୍ତିମ ମୋହ

ଅବସର ପରେ ପ୍ରମୋଦବାବୁ ଯେତିକି ଟଙ୍କା ପାଇଥିଲେ ସବୁକୁ ଖର୍ଚ୍ଚ କରି ଦ୍ୱିତଳ ସୌଖିନ ପ୍ରାସାଦଟିଏ ତିଆରି କରିଥିଲେ ରାଜଧାନୀର ଏକ ପୁରୁଣା ଜନବସତି ପାଖରେ ।

ଜୀବନ ବ୍ୟାପୀ ସାଧନାର ଫଳଥିଲା ସେହି ପ୍ରାସାଦଟି । ପ୍ରତ୍ୟେକ ପଥର ଆଉ ବାଲି ସିମେଣ୍ଟରେ ପ୍ରମୋଦବାବୁଙ୍କ ହସ୍ତର ସ୍ପର୍ଶ ରହିଛି । ପ୍ରତିଷ୍ଠା ଦିନ ସହରର ନାମୀ ଦାମୀ ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରି ଆଣିଥିଲେ ସେ ।

ମଝିରେ ମଝିରେ ବିଚଳିତ ହୋଇ ପଡ଼ନ୍ତି ପ୍ରମୋଦ ବାବୁ । ଯେତେବେଳେ ଟି.ଭି. ନ୍ୟୁଜ୍‌ରୁ ଶୁଣନ୍ତି ଚୀନ୍‌ର ଭୂମିକମ୍ପରେ ୮୦ ହଜାର ଲୋକ ମୃତାହତ । ସେ ଭାବି ପାରନ୍ତିନାହିଁ ଦିନେ ତାଙ୍କର ହାତଗଢ଼ା ପ୍ରାସାଦଟି ଭୂମିକମ୍ପରେ ମାଟିରେ ମିଶିଯିବ ।

❖❖❖

Digitized by srujanika@gmail.com

ଅନ୍ଧାରର ଆଖି

କମିଶନର ଶକ୍ତି ପ୍ରସାଦ ମିଶ୍ର। ଦୁର୍ନୀତି ପଞ୍ଜିକା ଖୋଜି ବାହାର କରିବା ଦାୟିତ୍ୱ ତାଙ୍କର। ତାଙ୍କ ରିପୋର୍ଟ ଉପରେ ସରକାର ଅଭିଯୁକ୍ତଙ୍କ ବିରୁଦ୍ଧରେ ପଦକ୍ଷେପ ନିଅନ୍ତି।

ଚାକିରୀ ଜୀବନର ଚରମ ତୃପ୍ତି। ସରକାରୀ ଚାକିରିଆଙ୍କ ଉପରେ ନିଜର ସିଦ୍ଧାନ୍ତ ଲଦି ଦେବାଠାରୁ ବଳି ତୃପ୍ତି ଆଉ କ'ଣ ଥାଇପାରେ ?

ଶକ୍ତିପ୍ରସାଦର ଗୋଟିଏ ବଡ଼ କୁଅଭ୍ୟାସ ଥିଲା। ସୁରା ଆଉ ନାରୀଭୋଗ। ନୂଆକରି ତାଙ୍କ ଅଫିସ୍‌ରେ ଜଏନ୍ କରିଥା'ନ୍ତି ସୁରମା ମାଡ଼ାମ୍। ଭାରି ସୁନ୍ଦରୀ। ସ୍ୱାମୀ ଦିଲ୍ଲୀରେ।

ଶକ୍ତି ପ୍ରସାଦଙ୍କ ପ୍ରତାରଣାର ଜାଲରେ ଛନ୍ଦି ହୋଇ ପଡ଼ିଲେ ସୁରେଖା ମାଡାମ୍। ସ୍ୱାମୀଙ୍କର ସନ୍ଦେହ ଗର୍ଭସ୍ଥ ସନ୍ତାନ ଉପରେ।

ଶକ୍ତି ପ୍ରସାଦ ପ୍ରମୋଶନ ପାଇ ଫେରି ଯାଇଛନ୍ତି ନିଜର ପ୍ୟାରେଣ୍ଟାଲ ଡିପାର୍ଟମେଣ୍ଟକୁ।

ସୁରେଖା ଏବେ ଦୋ ଛକିରେ। ନା- ସ୍ୱାମୀ, ନା-ଶକ୍ତିବାବୁ।

ସୁରେଖା ଫାଇଲ୍ ଖୋଲୁ ଖୋଲୁ ସବୁଦିନ ରାତିର କାମନାର ସ୍ୱରଲିପିକୁ ଦେଖୁଛନ୍ତି ପ୍ରତ୍ୟେକଟି ନୋଟ୍‌ସିଟ୍‌ରେ।

❖❖❖

Digitized by srujanika@gmail.com

ଶବ୍ଦ ଓ କବି

କମଳାକାନ୍ତ ଆମ ସମୟର ଜଣେ ରୋମାଣ୍ଟିକ୍ କବି। ଶବ୍ଦର ରୋମାଣ୍ଟିକ୍ ବିଳାସରେ ସେ କେତେବେଳେ ବନ୍ଦି ହୋଇ ପଡ଼ିଥାନ୍ତି, ତାହା ନିଜେ ଜାଣି ପାରିନଥାନ୍ତି।

ଶବ୍ଦର ମନ୍ତ୍ରମୁଗ୍ଧ ଆହ୍ୱାନରେ କବି କମଳାକାନ୍ତ ଜାଗତିକ ମାୟାକୁ ଭୁଲି ଯାଆନ୍ତି। ଭୁଲି ଯାଆନ୍ତି ସ୍ତ୍ରୀ, କନ୍ୟା ଆଉ ପରିବାର।

ଯେଉଁଦିନ ଖବର କାଗଜରେ ବାହାରିଥିଲା କବି "କମଳାକାନ୍ତଙ୍କ ଆତ୍ମହତ୍ୟା" ସେଦିନ ଅଧ୍ୟାପକ ଶିବଶଙ୍କର ମହାପାତ୍ର କେବଳ ବିସ୍ମିତ ହେଲେ ନାହିଁ କବିର ଶାବ୍ଦିକମୋହ ପ୍ରତି ଆସ୍ଥା ତୁଟାଇଦେଲେ। କମଳାକାନ୍ତଙ୍କ ମୃତ୍ୟୁପରେ ତାଙ୍କ କବିତାର ପ୍ରତ୍ୟେକ ପଙ୍କ୍ତିରେ ଥିବା ଶବ୍ଦ ଗୁଡ଼ିକ ତାଙ୍କୁ ଆତତାୟୀ ପରି ବୋଧହେଲା। ଶେଷ ନିଃଶ୍ୱାସଟିଏ ପକାଇ ଶିବଶଙ୍କର କମଳାକାନ୍ତଙ୍କ କବିତା ବହି ଗୁଡ଼ିକୁ ପୁରୁଣାବାଲାକୁ ବିକିଦେଇ ଗୋଟେ ପ୍ରକାର ଆଶ୍ୱସ୍ତି ଲାଭ କଲେ।

❖❖❖

Digitized by srujanika@gmail.com

ଦୂର ପାହାଡ଼

ନଈ ସେପାରିର ପାହାଡ଼ଟି। ଆକାଶ ଛୁଇଁଛି। ଯେପରି କାହାର ପ୍ରୀତିହାତଧରି ଉପରକୁ ଉଠିବାକୁ ଚାହୁଁଛି।

ସେବକ ମହାପାତ୍ର ମନେ ମନେ ଭାବୁଥିଲେ ଓ.ଏ.ଏସ୍. ଚାକିରୀଛାଡ଼ି ଅଧ୍ୟାପକ ହେବାକୁ ମନ ବଳାଇଲେ କାହିଁକି!

ଭଦ୍ରକ କଲେଜରେ ପଢୁଥିଲା ବେଳେ ଶେଷଦେବ ସାର୍‌ଙ୍କ ଜୀବନଶୈଳୀ ତାଙ୍କୁ ବେଶି ପ୍ରଭାବିତ କରିଥିଲା।

ବିଶ୍ୱ ବିଦ୍ୟାଳୟର କୃତୀଛାତ୍ର ସେବକ ମହାପାତ୍ର। ତାଙ୍କ ସାଙ୍ଗମାନେ ଏବେ କିଏ ଆଡ଼ିସିନାଲ ସେକ୍ରେଟାରୀ ତ କିଏ ଜଏଣ୍ଟ ସେକ୍ରେଟାରୀ। ତାଙ୍କ କୋଠା ଦେଖିଲେ ଥରେ ଥରେ ଭାବେ କି ଭୁଲ୍ କଲା ସେ।

ସେ ଦିନର ଛାତ୍ର ଆଜି କାହାନ୍ତି!! ଛାତ୍ରଛାତ୍ରୀମାନଙ୍କର ଅଧୋଗତି ଦେଖି ବିବ୍ରତ ହୋଇ ପଡୁଥିଲେ ସେ।

ଖାଲି ଅପେକ୍ଷା ଅବସରକୁ।

ବଂଧୁ ନିରଞ୍ଜନ ପାଢ଼ୀର ଝିଅବାହାଘର ଭୋଜିରେ ଦେଖା ହୋଇଥିଲା ରମଣୀରଂଜନଙ୍କ ସହିତ। ଦାମୀକାର ଆଉ ଦାମୀ ଉପହାର ଦେଖି ସେବକ ମହାପାତ୍ର ନିଜକୁ ଧିକ୍କାର କରିଥିଲା। ପୁଣି ଫେରି ଯିବାକୁ ଚାହୁଁଥିଲା ସେହି ଭଗ୍ନ କୋଣାର୍କ ପାଖକୁ, ଯେଉଁଠି ନିରୋଳାରେ ବସି ସେ କେବଳ କାନ୍ଦିପାରିବ।

❖❖❖

Digitized by srujanika@gmail.com

ଜଣେ ଆତତାୟୀ ସଂପର୍କରେ

ରାତ୍ରିର ନିର୍ଜନ ପ୍ରହରରେ ଝିଅଟିର କାନ୍ଦଣା ଶୁଣି ପିସ୍ତଲ ଖସି ପଡ଼ିଥିଲା ବିଖ୍ୟାତ ଡନ୍ ମାଲିଦା ହାତରୁ। ଅନେକ ନରସଂହାର ଆଉ ସୁପାରି କିଲିଙ୍ଗ୍ କରିବା ପରେ ମାଲିଦାର ହାତ କେବେ ଶିଥିଳ ହୋଇ ନ ଥିଲା କି ମନ ଭାଙ୍ଗି ପଡ଼ି ନ ଥିଲା।

ମା'ର ରକ୍ତ ଜୁଡୁବୁଡୁ ଶରୀର ପାଖରେ ନଅ ବର୍ଷର ଝିଅ ସଳିତା। ଯୌବନ ଉଙ୍କି ମାରିବାକୁ ଆରମ୍ଭ କରୁଥିଲା। ମୁହଁଟି ମଉଳିଗଲା ପଦ୍ମପାଖୁଡ଼ା ପରି।

ମାଲିଦାର ମନେ ପଡ଼ିଲା ଘରୁ ଆସିବାର ପାଞ୍ଚବର୍ଷ ତଳର ମୋହ। ସାନ ଝିଅ ଲିଲିମା। ଘର ଛାଡ଼ିଲା ବେଳକୁ ତାକୁ ମାତ୍ର ଚାରି ବର୍ଷ।

ଲିଲିମା ମୁହଁ ନାଚି ଉଠିଲା ମାଲିଦା ଆଖିରେ।

ରାତି ପାହିଲେ ପୋଲିସ୍...। ଭାବି ପାରୁନଥିଲା ମାଲିଦା।

❖❖❖

Digitized by srujanika@gmail.com

ନୋଟିସ୍

ଟ୍ରକ୍‌ଟି ରାଜରାସ୍ତାରେ ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇ ଥିଲା ନିମିଷକ ମଧ୍ୟରେ। ଶବ ପଡ଼ିଥିଲା। ଦିନ ଦ୍ୱିପ୍ରହର ପର୍ଯ୍ୟନ୍ତ ବେଓ୍ୱାରିସ୍ ହୋଇ।

ମୁନିସ୍‌ପାଲ୍‌ଟି ଅଳିଆବୁହା ଗାଡ଼ିରେ ହସ୍ପିଟାଲ୍‌କୁ ବୁହା ହୋଇ ଗଲା ଶବଟି।

...ଶବଟି ଥିଲା ଜଣେ ବିପ୍ଳବୀ ନେତାଙ୍କର। ଦଳିତ ବସ୍ତିବାଲାଙ୍କ ବାସ ଛଡ଼େଇ ନେଉଥିବା ଲୋକଙ୍କ ବିରୁଦ୍ଧରେ ସେ ଲଢୁଥିଲା। ମଣିଷର ବଞ୍ଚିବା ଦାବୀଥିଲା ତା' ଲଢ଼େଇର ଇସ୍ତାହାର।

ମୁହଁଟି ପୂରା ପରିଷ୍କାର ହୋଇ ସତେଜ ଦେଖା ଯାଉଥିଲା। ସତେ ଯେପରି ବିରୋଧୀଙ୍କ ଚକ୍ରାନ୍ତକୁ ସେ ଭ୍ରୂକ୍ଷେପ କରୁନାହାନ୍ତି କି ମୃତ୍ୟୁକୁ ଭୟ କରି ନାହାନ୍ତି।

❖❖❖

Digitized by srujanika@gmail.com

ପୁରସ୍କାର ବନାମ୍ କବି

ସୁରେଖା ଦେବୀଙ୍କ ମନ ଚଳଚଞ୍ଚଳ ହୋଇ ଉଠୁଛି। ଶ୍ରେଷ୍ଠ କବିର ସମ୍ମାନ ମିଳିବ। ସକାଳୁ ସକାଳୁ ନିତ୍ୟକର୍ମ ସାରି ନିଜକୁ ମେକ୍‌ଅପ୍ କରୁଛନ୍ତି ଡ୍ରେସିଂ ଟେବୁଲ୍ ସାମ୍ନାରେ।

ଦର୍ପଣରେ ପୂରା ଚେହେରାଟା ଫୁଟି ଉଠୁଛି ସୁରେଖାଙ୍କର। ଜୀବନସାରା ଶବ୍ଦର କସରତ କରି କବିତା ଲେଖିଛନ୍ତି। କେତେ ରାତି ବିତି ଯାଇଛି ଅନିଦ୍ରାରେ ଆଉ କବିତା ରଚନାର ଅବ୍ୟକ୍ତ ମୋହରେ।

ଜୀବନର ଅପରାହ୍ନରେ ଏ ପୁରସ୍କାର। ତୃପ୍ତିରେ ଲୋଟି ପଡୁଥିଲା ତାଙ୍କ କାବ୍ୟିକ ମନ।

...ଦର୍ପଣକୁ ପଛ କରି ଚାହିଁଲେ ସୁରେଖା ଦେବୀ। ଅବିବାହିତ ଜୀବନର କରୁଣ ଛବି ନାଚିଉଠୁଥିଲା ତାଙ୍କର। କବିତ୍ୱରେ ଥାଏ ପୂର୍ଣ୍ଣତା। କାହିଁ ସେ ପୂର୍ଣ୍ଣତାର କବିତା। ବାକି ରହିଗଲା ସେହି ପୂର୍ଣ୍ଣତାର କବିତା ଗୁଡ଼ିକ। ଛିଣ୍ଡା ପୃଷ୍ଠା ପରି ସେଗୁଡ଼ିକ ଉଡ଼ି ଯାଉଥିଲା ସୁରେଖାଙ୍କ ସମ୍ମୁଖରେ। ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଥିଲେ କବି ସୁରେଖା ଦେବୀ।

❖❖❖

Digitized by srujanika@gmail.com

ନାଟକର ଶେଷ ସଂଳାପ

ସଦାନନ୍ଦ ମହାନ୍ତି ସରକାରୀ ଚାକିରୀରୁ ଅବସର ନେଲା ପରେ ଅନେକ ଯୋଜନା କରିଥିଲେ। ସମାଜ ସେବା କରିବେ। ପିଲାମାନଙ୍କ ଦାୟିତ୍ୱ ନାହିଁ। ସମସ୍ତେ ବିଦେଶରେ। ଚାକିରି ଜୀବନରେ ବହୁ ଅଭିନୟ କରିଛନ୍ତି। ମୁଖା ଖୋଳରେ ଥରେ କାହାକୁ ବି ଦେଖିବାକୁ ଚେଷ୍ଟା କରି ନାହାନ୍ତି ସେ। ହଠାତ୍ ତାଙ୍କର ମନରେ ପରିବର୍ତ୍ତନ ଆସିଲା। ଯେଉଁଦିନ ଜାପାନ୍ ଭୂମିକମ୍ପର ଭୟାବହତା ଟିଭିରେ ଦେଖିଲେ।

ସଦାନନ୍ଦଙ୍କ ଆଖି ପଡ଼ିଲା ସହରର ବସ୍ତି ପିଲାଙ୍କ ଉପରେ। ସେମାନଙ୍କୁ ବଞ୍ଚାଇ ରଖିବାର ସ୍ୱପ୍ନ। ଆତଙ୍କବାଦ, ମାଓବାଦୀଙ୍କ ଦାଉରୁ ଦେଶକୁ ରକ୍ଷା କରିବାର ସ୍ୱପ୍ନ।

-ଡାକ୍ତର କହିଦେଲା ସଦାନନ୍ଦ ବାବୁଙ୍କୁ କ୍ୟାନ୍‌ସର। ଭାଙ୍ଗି ପଡୁଥିଲେ ସଦାନନ୍ଦ। ଜୀବନ ନାଟକର ଶେଷ ସଂଳାପଟି ପୂର୍ଣ୍ଣ କରିବାକୁ ସମୟ ତାଙ୍କୁ ସୁଯୋଗ ଦେଲାନାହିଁ।

❖❖❖

Digitized by srujanika@gmail.com

ମହା ସମୁଦ୍ର

ବେଳାଭୂମିର ଏକ ନିକାଞ୍ଚନ ବାଲି ଉପରେ ବସି ଧୀରେନ୍ଦ୍ର ସୂପକାର ଭାବି ଚାଲିଛନ୍ତି ତାଙ୍କର ଜୀବନରେ ଘଟି ଯାଇଥିବା ଅପାଶୋରା ସ୍ମୃତି ଗୁଡ଼ିକୁ। ଗୋଟିଏ ପରେ ଗୋଟିଏ ପୃଷ୍ଠା ଲେଉଟି ଯାଉଛି।

ସମୁଦ୍ର ଢେଉ ବାରମ୍ବାର ମଥା ପିଟୁଥିଲା ଧୀରେନ୍ଦ୍ର ବାବୁଙ୍କ ପାଦତଳେ। କେବେ ବି ଢେଉ କୂଳ ଲଙ୍ଘି ପାରିନାହିଁ କି ପାରିବ ନାହିଁ। କେତେ ବିଶାଳ ଏ ପୃଥିବୀ। କେତେ ବୈଚିତ୍ର୍ୟମୟ ଏହାର ଜୀବନଶୈଳୀ। ବିସ୍ମିତ ହୋଇ ପଡୁଥିଲେ ମଣିଷର ଭାବନାକୁ ନେଇ।

ମଣିଷ କାହିଁକି ଭାବେ ସେ ବଡ଼ ବୋଲି। ଯିଏ ସାନ ସେ ଭାବେ ବହୁତ ବଡ଼। ଥରେ ଆସି ଏହି ସମୁଦ୍ର କୂଳରେ ବସି ମଣିଷ ତା'ର ଜୀବନର ଶେଷ ପାହାଚଟିକୁ ଖୋଜନ୍ତା କି ?

Digitized by srujanika@gmail.com

ନାମ ଫଳକ

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱପ୍ନେଶ୍ୱର ବାବୁ। କୋଡ଼ିଏ ବର୍ଷ ପରେ ମାଲକାନଗିରି ଦେଇ ଆନ୍ଧ୍ରପ୍ରଦେଶରୁ ଫେରୁଛନ୍ତି। ଗାଡ଼ି ଆଗରେ ପଡ଼ିଲା ଡାକ ବଙ୍ଗଳା।

କୋଡ଼ିଏ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଡାକବଙ୍ଗଳାଟିକୁ ତାଙ୍କ ହାତରେ ଉଦ୍‌ଘାଟିତ ହୋଇଥିଲା।

ବହୁବାର ସେ ଟୁର୍ ନାଁରେ ଏହି ଡାକବଙ୍ଗଳାରେ ରାତି କଟାଇଛନ୍ତି। ସେ ରାତି ଗୁଡ଼ାକ ସବୁଥିଲା ରୋମାଞ୍ଚକର।

ନାମ ଫଳକଟିରେ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଟିକିଏ ବି ଧୂଳି ପଡ଼ି ନ ଥିଲା।

ସେ ଆଜି ମୁଖ୍ୟମନ୍ତ୍ରୀ ନାହାନ୍ତି। ନାମଫଳକଟି ଅଲୋଡ଼ା ପଥର ପରି ପଡ଼ିଛି ରୋଷେଇ ଘର ପାଖ ନର୍ଦ୍ଦମାରେ।

-କେତେ ବେଇମାନ ଏଇ ଲୋକଗୁଡ଼ାକ। ମୁଖ୍ୟମନ୍ତ୍ରୀ ଥିଲାବେଳେ କେତେ ଆଦର। ପାଦ ଚାଟିବାକୁ ବ୍ୟାକୁଳ।

ଆଜି ସେ ମୁଖ୍ୟମନ୍ତ୍ରୀ ନାହାନ୍ତି ବୋଲି ତାଙ୍କ ପରିଚୟ ହଜିଯିବ। ଆଉ ଆଗକୁ ଭାବି ପାରୁନଥିଲେ ସ୍ୱପ୍ନେଶ୍ୱର ବାବୁ।

❖❖❖

Digitized by srujanika@gmail.com

ଅନିର୍ବାଣ

ତୁମେ ଫେରିଯାଅ ଆଚାର୍ଯ୍ୟ। ମୋର ନିର୍ବାଣ ଦରକାର ନାହିଁ। ମୁଁ ନାରୀ। ମୁଁ ଚାହେଁ ଭୋଗ। ଜୀବନବ୍ୟାପୀ ଭୋଗ। ନିର୍ବାଣ ପରେ ଜୀବନର ସତ୍ତା କହି ପାରିବ ଆଚାର୍ଯ୍ୟ।।

ସାଧବ ବଧୂ ନିରୂପମାଙ୍କ କଣ୍ଠରୁଦ୍ଧ ହୋଇ ଆସୁଥିଲା। ଆଚାର୍ଯ୍ୟ ସ୍ତମ୍ଭୀଭୂତ ହୋଇ ପଡୁଥିଲେ ନବ ବଧୂଟିର ବ୍ୟାକୁଳତା ପାଇଁ। ସତରେ ପୁରୁଷ ଅପେକ୍ଷା ନାରୀ ଭୋଗ ବିଳାସିନୀ।।

ନିର୍ବାଣ ତା'ପାଇଁ ବୃଥା।

-ସେଇଥିପାଇ ବୋଧେ ବୁଦ୍ଧଦେବ ନାରୀକୁ ସଂଘ ଭିତରକୁ ପ୍ରବେଶ କରାଇବାର ସ୍ୱୀକୃତି ଦେଇନାହାନ୍ତି। ସାଧବ ବଧୂ ନିରୂପମାଙ୍କ ବ୍ୟାକୁଳ ସ୍ୱର ପ୍ରାସାଦର ପ୍ରାଚୀର ବାଡ଼ି ଫେରି ଆସୁଥିଲା ତାଙ୍କ ନିକଟକୁ।

❖❖❖

Digitized by srujanika@gmail.com

ଦେବଦାସ

ତୂଳୀରେ ଆଙ୍କିବା ଥିଲା ଦେବଦାସଙ୍କ ନିଶା। ଏକ ମଳିନ ଅପରାହ୍ଣରେ କଲିକତାରୁ ପୁରୀ ଫେରିଲା ବେଳେ ସେ ବଂଗୀୟ ଯୁବତୀ ସହିତ ସାକ୍ଷାତ ହୋଇଥିଲା ଦେବଦାସଙ୍କର।

ସେହି ଦିନରୁ ସେ ତୂଳୀ ଛାଡ଼ି ନାହାନ୍ତି। ତାଙ୍କର ଧୂସର ଅପରାହ୍ଣରେ ଶାରିରୀକ ଅବସନ୍ନତା ସହିତ ମାନସିକ ଅବସାଦ ଦେବଦାସଙ୍କୁ ଏକ ପ୍ରକାର ପଙ୍ଗୁ କରିଦେଇଛି।

ତୂଳୀ ଧରି ଆଙ୍କିବାର ଅକ୍ଷମତା ଆସିଲା ବେଳେ ତିରିଶି ବର୍ଷ ତଳର ସେହି ବଂଗୀୟ ଯୁବତୀଟି ଆଖି ଆଗରେ ନାଚି ଉଠେ ଦେବଦାସଙ୍କର।

ପୁଣି ହାତରେ ତୂଳୀ ରେଖା ପରେ ରେଖା ଟାଣି ଚାଲେ।

❖❖❖

Digitized by srujanika@gmail.com

ମୀରା ଦିଦି

ମୀରା ଦିଦି ସହରର ଏକ ବସ୍ତି ଅଂଚଳର ପ୍ରାଇମେରୀ ସ୍କୁଲର ଶିକ୍ଷୟତ୍ରୀ।

ବସ୍ତିପିଲାଙ୍କ ଲଙ୍ଗଳା ଫୁଙ୍ଗୁଳା ଶରୀର ଭିତରେ ସେ ଆଗାମୀ ଦିନ ଗୁଡ଼ିକୁ ମୋଟେ ଭରସା କରି ପାରୁନାହାନ୍ତି। ଅଭିମାନ ଆଉ ପ୍ରେମ ବିବାହର ଶେଷ ପରିଣତିକୁ ଲୁଚାଇ ବଂଚିବା ପାଇଁ ମୀରା ଦିଦି ଗାଁ ପାଖ କଲେଜ ଛାଡ଼ି ସହରକୁ ଆସିଥିଲେ। ଯୋଗକୁ ବସ୍ତି ସ୍କୁଲରେ ନିଯୁକ୍ତିଟା ମିଳି ଯାଇଛି।

ବଂଚିବାର ଗୋଟେ ନୂଆ ରାହା।

-ମଣିଷ ଆଗେ ପରିଚୟ ଖୋଜେ ନା ଆଗେ ବଂଚିବାକୁ ଭଲ ପାଏ। ଏହିଭଳି ଭାବନାରେ ମୀରାଦିଦି ଜୀବନର ଅତୀତ ପୃଷ୍ଠା ଗୁଡ଼ିକୁ ଲେଉଟାଇ ପାରନ୍ତି ନାହିଁ।

ପ୍ରବଞ୍ଚିତ କରି ବଂଚିବା ଅପେକ୍ଷା ଆତ୍ମଗୋପନ କରି ଜୀବନର ଅନୁଶୀଳନକଲେ ମୁକ୍ତିର ବାଟ ଖୋଲିବ ବୋଲି ତାଙ୍କର ବିଶ୍ୱାସ।

ତାଙ୍କର ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ଯେତେବେଳେ ସେ ଇନ୍ଦିରା ପାର୍କ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ଆଡ଼କୁ ଆସନ୍ତି ନିଜର ବସାକୁ।

❖❖❖

Digitized by srujanika@gmail.com

ସୂର୍ଯ୍ୟାସ୍ତ ପୂର୍ବରୁ

ଜୀବନାନନ୍ଦ ବାବୁଙ୍କ ପିଲାମାନେ ବାପାଙ୍କର ପଚସ୍ତରୀତମ ଜନ୍ମ ଦିବସ ପାଳନ କରିବାର ଆୟୋଜନରେ ବ୍ୟସ୍ତ।

ଜୀବନାନନ୍ଦ ବାବୁ ଏକ ମଫସଲ ଗାଁ'ରେ ଜନ୍ମ ଗ୍ରହଣ କରିଥିଲେ। କେକ୍ କାଟି, ପାର୍ଟିର ଆୟୋଜନ କରି ତାଙ୍କ ଜନ୍ମ ଦିନ କେବେ ପାଳନ କରାଯାଇ ନଥିଲା।

ପୁଅ ରମେଶ ଆମେରିକାରୁ ଫେରି ବାପାଙ୍କର ଜନ୍ମ ଦିନ ପାଳନ କରିବାକୁ ସବୁ ଆୟୋଜନ କରୁଛି।

ଜୀବନାନନ୍ଦ ବାବୁ ଏକଥା ଭାବିଲା ବେଳକୁ ତାଙ୍କୁ ଅଡୁଆ ଅଡୁଆ ଲାଗୁଥାଏ।

-କେମିତି କ୍ୟାଣ୍ଡେଲ ଲିଭାଇବେ, ଆଉ କେକ୍ କାଟିବେ।

❖❖❖

Digitized by srujanika@gmail.com

ପାଚେରୀ

ହାଇଦ୍ରାବାଦ୍‌ର ଆଇ.ଟି. ଇଂଜିନିୟର ସତ୍ୟରଂଜନ। ଅନେକ ସ୍ୱପ୍ନ ଆଗରେ। ଆଗକୁ ମାଡ଼ି ଚାଲିବାର ସଂକଳ୍ପ। ପଛରେ ଅଛି ମୌସୁମୀର ପ୍ରେରଣା।

ବିଜେବି କଲେଜରେ ସହପାଠିନୀ ଥିଲା ମୌସୁମୀ। ପିକ୍‌ନିକ୍‌ରୁ ଫେରିଲା ପରେ ଉଭୟେ ଉଭୟଙ୍କୁ ଭଲ ପାଇଥିଲେ ସାର୍ ଆଉ ସାଙ୍ଗମାନଙ୍କ ଅଜାଣତରେ।

ମୌସୁମୀର ବାପା ବଡ଼ ଅଫିସର୍।

ଝିଅକୁ ସେ ସ୍ପଷ୍ଟ ପଚାରିଥିଲେ- 'ତାକୁ ପଚାର, ସିଏ ଆମ ଧର୍ମ ଗ୍ରହଣ କରିବ ତ! ତେବେ ଯାଇ ମୁଁ ବାହାଘର କରିବି।'

ମୌସୁମୀ ପାଖରୁ ତା'ବାପାଙ୍କ ସିଦ୍ଧାନ୍ତ ଶୁଣି ବିବ୍ରତ ହୋଇପଡ଼ିଥିଲା ସତ୍ୟ ରଂଜନ।

ହ୍ରାଇଦ୍ରାବାଦ୍‌ର ଧୂମାଳ ଆକାଶକୁ ଚାହିଁ ସତ୍ୟରଂଜନ ଭାବୁଥିଲା ଧର୍ମଶାସ୍ତ୍ରରେ ଥିବା ସେଇ ଅବୋଧ ପଙ୍‌କ୍ତି ଗୁଡ଼ିକୁ। ସତେ ଯେପରି ସେ ଜନ ଗହଳି ଭିତରେ ବି ନିର୍ବାସିତ।

❖❖❖

Digitized by srujanika@gmail.com

ଲଣ୍ଠାବରଗଛର ଆତ୍ମକାହାଣୀ

ଅଧ୍ୟାପକ ସ୍ମୃତିରଂଜନ ଅବସର ପରେ ଘରେ ବସି ଲେଖାଲେଖି କରୁଛନ୍ତି।

ଦିନ ଥିଲା କଲେଜ ସ୍ମୃତିରଂଜନଙ୍କ ବିନା ଅଚଳ ହୋଇ ପଡୁଥିଲା। ଯେଉଁ ପ୍ରିନ୍‌ସପାଲ୍ ଆସନ୍ତୁ, ସ୍ମୃତିରଂଜନ ଉପରେ ସମସ୍ତେ ନିର୍ଭରଶୀଳ। ସ୍ମୃତିରଂଜନ କେବେ ଭାବି ନଥିଲେ ସେ ଦିନେ ବୁଢ଼ା ହୋଇଯିବେ ବୋଲି।

ଅବସରର ମାତ୍ର ଗୋଟିଏ ବର୍ଷ ଯାଇଛି। ସ୍ମୃତିରଂଜନ ବୁଢ଼ା ହୋଇ ଯାଇଛନ୍ତି ଭାବି ଅସ୍ୱସ୍ତି ଅନୁଭବ କରୁଛନ୍ତି।

କ୍ଲାସ୍‌ରେ ତପସ୍ୱିନୀ ପଢ଼ାଇଲାବେଳେ କେମିତି ଆତ୍ମବିଭୋର ହୋଇ ପଡୁଥିବାର ସ୍ମୃତି ଏବେ ବି ସତେଜ ଅଛି। ତାଙ୍କର ହାତଗଢ଼ା ହେଉଛି ପ୍ରତିଭା ମହାପାତ୍ର। ଆଜି ଓଡ଼ିଆ ସାହିତ୍ୟରେ ଜଣେ ଆଗଧାଡ଼ିର କବି।

ସ୍ମୃତିରଂଜନ ଯେତିକି ପଛକୁ ଫେରି ସେ ଦିନଗୁଡ଼ିକର ସ୍ମୃତି ଚାରଣ କରିବାକୁ ଚାହୁଁଥିଲେ ସେ ସେତିକି ଅନୁଭବ କରୁଥିଲେ ସେ ବୁଢ଼ା ହୋଇ ଯାଉଛନ୍ତି।

❖❖❖

Digitized by srujanika@gmail.com

ବୃଦ୍ଧ

ସତୁରୀ ବର୍ଷ ବୟସରେ ସେ ଖୋଜୁଛନ୍ତି ତାଙ୍କର ସେ ପୁରୁଣା ଦଲିଲ୍ ଗୁଡ଼ିକ। ଯାହାକୁ ଜୀବନକାଳର ଚାଳିଶ ବର୍ଷ ଚାକିରି ଭିତରେ ଦିନେ ହେଲେ ଭାବି ନାହାନ୍ତି।

ଦିନେ ଓଡ଼ିଶା ସରକାର ତାଙ୍କୁ ଶ୍ରେଷ୍ଠ ସରକାରୀ କର୍ମଚାରୀ ସମ୍ମାନରେ ସମ୍ମାନିତ କରିଥିଲେ।

ଆଜି ନିଜକୁ ପଙ୍ଗୁ ବୋଲି ଭାବୁଛନ୍ତି ସୁବୋଧ ମହାପାତ୍ର। ଏକମାତ୍ର ପୁଅ ଆମେରିକାରେ। ବଡ଼ ଇଂଜିନିୟର। ସ୍ତ୍ରୀ ନିରୂପମା ଅନେକ ଦିନୁ ଆରପାରିରେ।

ଦଲିଲ୍‌ର ପ୍ରତ୍ୟେକ ଧାଡ଼ି ଗୁଡ଼ିକ ସୁବୋଧଙ୍କ ଲୁହରେ ଭିଜି ଯାଉଥିଲା। କେତେଦିନ ଏ ନିର୍ବାସିତ ଜୀବନ ବିତାଇବେ ? ନା ନା, କ'ଣ ହେବ ଏ ସଂପତ୍ତି ? ତାଙ୍କ ଆଖି ଆଗରେ ନାଚି ଉଠିଲା ତାଙ୍କ ଚାଷ ଜମିର ହଳିଆ ବାଉରୀ ପୁଅ ଦେବୁ।

ପଇସା ଅଭାବରୁ ଅଧିକ ପାଠ ପଢ଼ିପାରି ନ ଥିଲା। ଆଉ ଏବେ ଗାଁ'ରେ ରହି ଚାଷ କରୁଛି।

❖❖❖

Digitized by srujanika@gmail.com

ଚିନ୍ନୁଅପା

ଚିନ୍ନୁଅପାର ବାହାଘର । ଅକ୍ଷୟ ଭାବୁଛି ଚିନ୍ନୁ ଅପା ସତେ କ'ଣ ବାହା ହବା ପାଇଁ ସମ୍ମତି ଦେଲା ।। ବାହାଘର ପାଖରେ ଅକ୍ଷୟର ଭଲ ପାଇବା କ'ଣ ଏତେ ତୁଚ୍ଛ ।।

ପ୍ଲାଟଫର୍ମର ଏକ ନିରୋଳା ବେଞ୍ଚରେ ବସି ଅକ୍ଷୟ ଭାବୁଛି ଚିନ୍ନୁ ଅପାର ବାହାଘର । ଅକ୍ଷୟ କାନରେ ଟ୍ରେନ୍ ଇଂଜିନ୍‌ର ଶବ୍ଦ ସତେ ଯେପରି ଶୁଭୁଛି ସାହାନାଇ ପରି ।

ମନିପର୍ସରୁ ଚିନ୍ନୁ ଅପାର ଫଟୋ ବାହାର କରି ତା'ର ଆଖି ଦୁଇଟିକୁ ନିରେଖିଲା ।

-ସେ ଆଖିରେ ତ ପ୍ରତାରଣା ନଥିଲା ।

-ନା -ନା, ଚିନ୍ନୁଅପା ଏହା କେବେ କରି ନପାରେ । ଜୀବନର ପ୍ଲାଟଫର୍ମରେ ଅକ୍ଷୟ ଖୋଜୁଥିଲା ଚିନ୍ନୁଅପାର ପାଦଚିହ୍ନକୁ ।

❖❖❖

Digitized by srujanika@gmail.com

ସ୍ୱାଭିମାନ

ଦେବ ମହାପାତ୍ର ଅନ୍ୟ ସାଙ୍ଗମାନେ ସରଜୁ ମହାନ୍ତି ପ୍ରତି ଦେଉଥିବା କଟୁ ମନ୍ତବ୍ୟର ଘୋର ବିରୋଧ କରୁଥିଲେ।

-ନା, ନା, ସରଜୁ ମହାନ୍ତି ଭଲ ପିଲା। ସେ କେବେ ଏଭଳି କରି ନଥିବ। ଦେବ ସାଙ୍ଗମାନଙ୍କୁ ଯେତେ ବୁଝେଇଲେ ମଧ୍ୟ ସେମାନେ ଗ୍ରହଣ କରିବାକୁ ନାରାଜ।

- 'ପିଅନ ହାତରେ ମନାକରେଇ ଦେଲା'!!

-କହିଲା କ'ଣ ନା ବାବୁ ଶୋଇଛନ୍ତି। ଅଫିସ୍‌ରେ ଦେଖା କର।

-ଆମରି ସାଙ୍ଗରେ ହେଡ୍‌ସାର୍‌ଙ୍କ ବାଡ଼ିରୁ ରାତିରେ କୋବି ଚୋରାଇ ଆଣୁଥିଲୁ। ଆଜି ଆଇ.ଏ.ଏସ୍ ପାଇ କ'ଣ ମୋଟେଇ ଗଲା କି!!

ଦେବ ମହାପାତ୍ର ସେ ପର୍ଯ୍ୟନ୍ତ ସାଙ୍ଗମାନଙ୍କ କଥା ବୁଝି ପାରି ନଥିଲା।

ଦେବ ମହାପାତ୍ର ସରଜୁକୁ ଗୋପନରେ କହିଲା- ସରଜୁ! ମୋର ଫୁଲବାଣୀ କଲେଜକୁ ବଦଳି ହୋଇଯାଇଛି। ତୁ ତ ଜାଣିଛୁ, ମୋ ରଶ୍ମୀର ବଦଳି ହୋଇ ପାରିବ ନାହିଁ।

-ହଉ ଦେବ ମୁଁ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ଦିଲ୍ଲୀଯାଉଛି। ମୋତେ ବଦଳି କଥା କହନା।

ଦେବ ମନରେ ସୃଷ୍ଟି ହୋଇଥିଲା ସ୍ୱଭିମାନ। ସରଜୁ ଆଇ.ଏ.ଏସ୍ ବୋଲି କ'ଣ ଏତେ ବଡ଼ ହୋଇଗଲା। ନା..ନା.. ଅଧ୍ୟାପକ ହିସାବରେ ସେ ତା'ର ସ୍ୱାଭିମାନ ରଖିବ।

❖❖❖

Digitized by srujanika@gmail.com

ମାତୃତ୍ୱର ଶେଷନାମ

କଳ୍ପନା ଦେବୀ ଜୀବନଦେଇ ପିଲାମାନଙ୍କୁ ଗଢ଼ିଛନ୍ତି । ସାଙ୍ଗମାନଙ୍କ ପାଖରେ ଗର୍ବ କରନ୍ତି । ଶେଷଦେବ କଳ୍ପନା ଦେବୀଙ୍କ ବଡ଼ ପୁଅ । ଉଚ୍ଚ ଶିକ୍ଷିତ । ଅଫିସର ।

ଶେଷଦେବ ବାହାଘରର ମାତ୍ର ପନ୍ଦର ଦିନ ଯାଇଛି । ଶେଷଦେବ ମା'ଙ୍କୁ ଗାଳି ଦେବାରେ ଟିକିଏ ବି କୁଣ୍ଠାବୋଧ କଲାନାହିଁ ।

... "ତୁ ମୋର ସୁଖ ଚାହୁଁ ନାହୁଁ । ତୁ ରାକ୍ଷସୀ"

ମାତୃତ୍ୱର ପାହାଡ଼ରୁ ଖସିପଡୁଥିଲେ କଳ୍ପନାଦେବୀ । ଆଉ ଖୋଜୁଥିଲେ ମାତୃତ୍ୱର ଶେଷନାମ ।

❖❖❖

Digitized by srujanika@gmail.com

ବାପା

ଆଜି ପର୍ଯ୍ୟନ୍ତ ବାପାଙ୍କୁ କେବେ କାନ୍ଦିବାର ଦେଖି ନାହିଁ। ଆମ ପରିବାରର ସବୁ ଅଭାବ ଅସୁବିଧାକୁ ସେ ସହି ଯାଆନ୍ତି ମେରୁ ଖୁଣ୍ଟପରି।

ବୋଉ ମଲାଦିନ। ବୋଉର କୋକେଇ ବନ୍ଧା ସରିଲାଣି। ମୋ ହାତଧରି ବାପା ଭୋ-ଭୋ-କାନ୍ଦିଲେ।

ତୋ' ବୋଉର ଘର ଛାଡ଼ି ମୁଁ କିମିତି ଯିବି ତୋ' ପାଖକୁ ? ଗାଁ ପ୍ରତି ବାପାଙ୍କର ମମତା ଥିଲା। ଏଇ ଗାଁକୁ ସେ ଗଢ଼ିଛନ୍ତି। ମାଷ୍ଟର ଥିଲା ବେଳେ ଶହ ଶହ ଛାତ୍ର ଉତାରିଛନ୍ତି।

ବାପାଙ୍କୁ ସାନ୍ତ୍ୱନା ଦେବାକୁ ମୋ ପାଟିରେ ଭାଷା ନଥିଲା।

ହରେ ରାମ, ହରେ ରାମ ଧ୍ୱନିରେ ଗାଁ ଫାଟି ପଡୁଥିଲା ବେଳେ ବାପାଙ୍କ କାନ୍ଦ ମୋ ମର୍ମଭେଦି ଭିତରକୁ ପଶିଯାଇଥିଲା।

❖❖❖

Digitized by srujanika@gmail.com

ଉପତ୍ୟକାର ମୋହ

ଜହ୍ନ ଆଲୁଅରେ ସାରା ଉପତ୍ୟକାରେ ଗୋଟିଏ ରୋମାଣ୍ଟିକ୍ ବାତାବରଣ।

ମଝିରେ ମଝିରେ ଚକ୍ରବାକୀର ଆକୁଳ ସ୍ୱର ରାମସାଗରଙ୍କ କାନକୁ ଭାରାକ୍ରାନ୍ତ କରିଦେଉଥିଲା। ସ୍ତ୍ରୀ ନୀଳିମା। କ୍ୟାନସର ରୋଗରେ ଆରପାରିକୁ ଚାଲି ଯାଇଛନ୍ତି।

ବାହାଘରର କେଇମାସପରେ ରାମସାଗର ବଦଳି ହୋଇ ଆସିଥିଲେ ଆଉ ସାଥିରେ ଥଲେ ନୀଳିମା। ନୀଳଜ୍ୟୋତ୍ସ୍ନା ପରି ଥିଲେ ନୀଳିମା।

କୋଡ଼ିଏ ବର୍ଷର ବ୍ୟବଧାନ।

ଜହ୍ନ ଆଲୁଅ ଭିତରେ ସେ ଅନୁଭବ କରୁଥିଲେ ଉପତ୍ୟକାରେ ସେଦିନର ମାଦକତା

ଆଜି ଏ ଉପତ୍ୟକା ତାଙ୍କ ଶୂନ୍ୟତାକୁ ବଢ଼ାଇ ଦେଉଛି।

❖❖❖

Digitized by srujanika@gmail.com

ଅଶାନ୍ତ ଆକାଶ

ଆକାଶର ରଙ୍ଗ କେମିତି ବଦଳିଯାଉଛି । ଗତ ଚାଳିଶ ବର୍ଷରେ ଭିତରେ ଜ୍ୟୋତିବାବୁ କେବେ ଏପରି ଦେଖି ନଥିଲେ ।

-ମାଳିକା କଥା କ'ଣ ସତ ହେବ ! ବାଇଶି ପାହାଚରେ ମୀନ ଖେଳିବ !

ଜ୍ୟୋତି ବାବୁ ବିଚଳିତ ହୋଇ ପଡୁଥିଲେ ତାଙ୍କ ବିରାଟ ପ୍ରାସାଦକୁ ନେଇ ।

ପ୍ରଳୟ ଭିତରେ ଭାଙ୍ଗି ପଡୁଥିବା ତାଙ୍କ ପ୍ରାସାଦ ନିଶ୍ଚିହ୍ନ ହୋଇଯିବ । ଏଇ ଭାବନା ଜ୍ୟୋତିବାବୁଙ୍କୁ ବିବ୍ରତ କରିଦେଉଥିଲା ।

❖❖❖

Digitized by srujanika@gmail.com

ସେଇ ଗାଁ ମାଟି

ନୀଳରତନ ଭୁବନେଶ୍ୱର ସେକ୍ରେଟାରୀଏଟ୍‌ରେ ବରିଷ୍ଠ କିରାଣୀ ଅବସର ନେବାକୁ ଆଉ ଛ'ମାସ ବାକି । ଭୁବନେଶ୍ୱରରେ ତିରିଶ ବର୍ଷ ବିତିଗଲା ସରକାରୀ କ୍ୱାର୍ଟରରେ ।

ନୀଳରତନ ଭାବି ନ ଥିଲା ଭୁବନେଶ୍ୱରରେ ଜମି ଦର ଏତେ ବଢ଼ିଯିବ ବୋଲି । ଦୁଇଟି ଝିଅ ବାହାଘର କରି ଜି.ପି.ଏଫ୍ ଶୂନ୍ ।

ନୀଳରତନ ଏକପ୍ରକାର ସିଦ୍ଧାନ୍ତ କରିଦେଲା । ସେ ଗାଁକୁ ଫେରିବ । ବୋଉ ତା'ର ଏନ୍ତୁଡ଼ିଶାଳ ସେଇଠି ରଖି ଯାଇଛି ।

-ଏବେ ବୋଉ କଥା ଶୁଣି ନୀଳରତନଙ୍କ ସ୍ତ୍ରୀ ସବିତା ଜିଦ୍ ଧରିଲାଣି ସେ ଗାଁରେ ଚଳି ପାରିବନି ।

ଅଡୁଆରେ ପଡ଼ିଛି ନୀଳରତନ ।

ସହରରେ ସ୍ତ୍ରୀ-ଗାଁରେ ମା' ।

କିଏ ଆଗ କିଏ ପଛ । ଏଭଳି ଅଡୁଆ ବୁଢ଼ିଆଣୀ ଜାଲରେ ପଡ଼ି ନୀଳରତନ ବିବ୍ରତ ହୋଇ ପଡୁଥିଲେ ।

❖❖❖

Digitized by srujanika@gmail.com

ସମୟର ଶେଷ ନାମ

ଦର୍ପଣ ପାଖରେ ଠିଆ ହୋଇ ନିଜକୁ ଦେଖିଲା ବେଳେ ରାଧେଶ୍ୟାମ ବାବୁ ବିଶ୍ୱାସ କରିପାରୁ ନାହାନ୍ତି।

ସେ ବୁଢ଼ା ହୋଇ ଯାଇଛନ୍ତି।

ସବୁଠାରୁ ବେଶି ବିଚଳିତ ହୋଇ ପଡ଼ୁଛନ୍ତି ଯେତେବେଳେ ଟିକୁ ଅଜା ବୋଲି ଡାକି ଦେଉଛି।

ଟିକୁ ତାଙ୍କ ଝିଅ ରୀନାର ପୁଅ।

❖❖❖

Digitized by srujanika@gmail.com

ନିଷିଦ୍ଧ ଇଲାକା

ଚିନୁଅପା ବାହାହୋଇ ଯିବାର ମାସେ ବିତି ଗଲାଣି । ଅକ୍ଷୟ ଭାବୁଥିଲା । ଚିନୁଅପା ନିଶ୍ଚୟ ଫୋନ୍ କରିବ ।

ସବୁଦିନ ପରି ଫୋନ୍‌କୁ ଅପେକ୍ଷା କରେ ଅକ୍ଷୟ ।

ଦିନ ଯାଇ ରାତି ଆସେ ।

ମାସେ ହେଲା ଚିନୁ ଅପାର କଣ୍ଠସ୍ୱର ଆଉ ତାଗିଦ୍- 'ଖାଇଲୁଣିକି ଅକ୍ଷୟ' । ଏତେ ରାତି ପର୍ଯ୍ୟନ୍ତ କାହିଁକି ଚେଇଁଛୁ....' ଆଉ ଶୁଭୁନି ।

ଯେଉଁ ଦିନ ସେ ଚିନୁଅପାକୁ ଏକ ନିଶ୍ଚିତ ବସ୍ ଦୁର୍ଘଟଣାରୁ ରକ୍ଷା କରିଥିଲା, ସେ ଦିନ ଚିନୁ ଅପା କହିଥିଲା ।

- 'ମୁଁ ତୋ ପାଖରେ ସାରା ଜୀବନ ରହି ଯିବିରେ ଅକ୍ଷୟ'

- ଏ କ'ଣ ଥିଲା ଚିନୁଅପାର ପ୍ରେମ ନା ପ୍ରତାରଣା । ।

ସେ ଦୌଡ଼ିଯାଆନ୍ତା ବସୁନ୍ଧରା ହଷ୍ଟେଲକୁ,

ଆଉ ପଚାରନ୍ତା ଚିନୁଅପା........

ନା-ନା ଚିନୁଅପା ଏବେ କାହାର ଧର୍ମପତ୍ନୀ, କାହାର ପୁତ୍ରବଧୂ ।

ଚିନୁଅପା ଏବେ ସାଜିଛି ନିଷିଦ୍ଧ ଇଲାକା ।

❖❖❖

Digitized by srujanika@gmail.com

କାବ୍ୟ ନାୟିକା

ଚିନୁଅପାର ବାହାଘର ଅକ୍ଷୟର ଜୀବନ ଶୈଳୀକୁ ବଦଳେଇ ଦେଲା। ଚିନୁଅପା ବଦଳରେ ସବିତା ଆସିଲା ତା' ଜୀବନରେ ଗୋଟାଏ ଶୀତୁଆ ସକାଳରେ, ବସ୍‌ରେ କୋରାପୁଟ ଗଲା ବେଳେ।

ସବିତା ଭିତରେ ଅକ୍ଷୟ ଚିନୁଅପାକୁ ଖୋଜିଲା, ତା'ଓଠରେ, ତା'ପଣତରେ ଆଉ ଦରଦୀ ଭାଷାରେ।

ତଥାପି ଚିନୁଅପା ଅଭୁଲା ହୋଇ ରହିଲା- ବସୁନ୍ଧରା ହଷ୍ଟେଲ ଦେଇ ଗଲା ବେଳେ ଚିନୁଅପା ଛବିଟା ଆସି ବାଟ ଓଗାଳେ, ଚିନୁଅପାର କଣ୍ଠ ସ୍ୱର ତା'କାନରେ ବାଜିଯାଏ 'ଅକ୍ଷୟ...'।

ଶେଷରେ ଅକ୍ଷୟ ଚିନ୍ତାକଲା ଚିନୁଅପାକୁ ପାଖରେ ରଖିବ- ସ୍ମୃତିରେ କେବଳ ନୁହେଁ, କାବ୍ୟର ନାୟିକା ଭାବରେ।

-ଚିନୁଅପା ହେବ ତା'କାବ୍ୟମାନସର ନାୟିକା, ଯେଉଁ ଚିନୁଅପାର ମୃତ୍ୟୁ ନାହିଁ।

❖❖❖

Digitized by srujanika@gmail.com

ଅଭିନ୍ନ ସାର୍

ଅଭିନ୍ନ ସାର୍ ଭାରି ଭଲ ପଢ଼ାନ୍ତି । ତାଙ୍କ ସାହିତ୍ୟ ପଢ଼ାରେ ରୋମାନସ୍ ଥାଏ । ତାଙ୍କ ପାଖରେ ଯିଏ ପଢ଼ିଛି ସିଏ ଅଭିନ୍ନ ସାର୍‌ଙ୍କୁ କେବେ ଭୁଲି ପାରିବ ନାହିଁ ।

ସାର୍‌ଙ୍କ ସହିତ ଗତ ବିଷୁବ ମିଳନରେ ଅଚାନକ ଭାବେ ଦେଖାହେଲା ।

ସାର୍ ସେମିତି ଭାବପ୍ରବଣ ।

ରମାକାନ୍ତ କେମିତି ଅଛ ? ତୁମ ସ୍ତ୍ରୀ ମାଳତୀ କେମିତି ଅଛି ?

ସାର୍ କଣ ଚିହ୍ନିପାରୁନାହାନ୍ତି ? ମାଳତୀ ତ ମୋ ସ୍ତ୍ରୀ ନୁହେଁ ।

ଅଭିନ୍ନ ସାର୍ ପୂରା ବୁଢ଼ା ହୋଇଗଲେଣି । ତାଙ୍କର ମୁଣ୍ଡବାଳ ପାଚି ଗଲାଣି । ତାଙ୍କୁ ଦେଖିଲାପରେ ରମାକାନ୍ତ ଅଭିନ୍ନ ସାରଙ୍କ 'ଲାବଣ୍ୟବତୀ' ପଢ଼ାଇବାର ଢଙ୍ଗ ମନେ ପଡିଲା ।

Digitized by srujanika@gmail.com

ସୂର୍ଯ୍ୟାସ୍ତର ଆକାଶ

ଦେବଦତ୍ତ ବେହେରା ଓଡ଼ିଶା ସେକ୍ରେଟାରିଏଟ୍‌ର ଜଣେ ବରିଷ୍ଠ ଅଫିସର। ଫାଇଲ କୋରି କରିବାରେ ମାଷ୍ଟର।

ତାଙ୍କ ଦୃଷ୍ଟିରେ ସବୁକଥା ସହଜ ହୋଇଗଲେ ଚୌକିର ମର୍ଯ୍ୟାଦା ରହିବନି।

ଦେବଦତ୍ତ ବାବୁ ତାଙ୍କ ଯୁକ୍ତିରେ ସର୍ବଦା ଅଟଳ।

ସେ ଭାବନ୍ତି ତାଙ୍କ ନୋଟ୍ କେହି କାଟିପାରିବେନି।

ସେଦିନ ପୁଅର ବଦଳି ଫାଇଲଟା କୋରିକରି ପଠାଇ ଦେଇଛନ୍ତି। ପୁଅ ହେଲେ ବି ତା' ପାଇଁ ଦେବଦତ୍ତ ଚୌକିର ମର୍ଯ୍ୟାଦା ହରାଇ ପାରିବେ ନାହିଁ।

ପୁଅ ଘର ଛାଡ଼ି ..... ଯାଇଛି। ଦେବଦତ୍ତବାବୁ ଫାଇଲଧରି କାନ୍ଦିବାକୁ ଲାଗିଲେ।

❖❖❖

Digitized by srujanika@gmail.com

ପୁନଶ୍ଚ ବଳିଦଉ

ହରିଶଙ୍କର ମହାପାତ୍ର ପାଞ୍ଚଫୁଟର ମଣିଷ। ହେଲେ ତାଙ୍କ କଥା ଆକାଶଠୁ ଆହୁରି ଉପରକୁ ଉଠିଯାଏ। କଥା କହିଲାବେଳେ ସେ ଭୁଲିଯାଆନ୍ତି ଯେ ତାଙ୍କ ବାପା ତହସିଲଦାଙ୍କ ପାଖରେ ପିଅନ ଥିଲେ ବୋଲି।

ହରିଶଙ୍କର ବାବୁଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ସେ ଯେ କୌଣସିମତେ ଉପରକୁ ଉଠିବେ।

ଆଖିରେ ସ୍ୱପ୍ନ ଗୁନ୍ଥି ହୋଇଛି। ସ୍ତ୍ରୀ ରମାମଣୀ ତାଙ୍କୁ ଉପରକୁ ଉଠିବାର ବଡ଼ ଅସ୍ତ୍ର।

ରମାମଣି ସଭାସମିତିରେ ଭାଷଣଦେଇ ନେତ୍ରୀ ସାଜିଲେଣି।

ହରିଶଙ୍କର ଆସ୍ତେ ଆସ୍ତେ ଅଲୋଡ଼ା ହୋଇ ପଡ଼ିଁଲେଣି ରମାମଣିଙ୍କ ପାଖରେ।

ହରିଶଙ୍କର ବାପା ହେବା ପାଇଁ ଅସମର୍ଥ।

❖❖❖

Digitized by srujanika@gmail.com

ଦର୍ପଣ ସାମ୍ନାରେ...

ସେ ଭାବୁଥିଲେ ସେ ଠିକ୍ ଅଛନ୍ତି । ତାଙ୍କର ଆଖିର ଜ୍ୟୋତି କମି ଆସୁଥିଲା । ସ୍ୱପ୍ନ ସବୁ ସରି ଆସୁଥିଲା, ଏ କଥା ଦୁର୍ଯ୍ୟୋଧନ ସାମଲ ଭାବିପାରୁ ନଥିଲେ ।

-ସେ ଆହୁରି ଆଗକୁ ଯିବେ । ଶିକ୍ଷା ବିଭାଗରେ ନିର୍ଦ୍ଦେଶକ ହୋଇ ଅବସର ନେବେ ।

ବେଳେବେଳେ ଭାବନାରେ ହଜିଯାଉଥିଲେ ଦୁର୍ଯ୍ୟୋଧନ ସାମଲ । ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ସାମଲ ।

ଦୁର୍ଯ୍ୟୋଧନ ବାବୁଙ୍କ ମୁହଁଟା କଳାକାଠ ପଡ଼ିଗଲା ଯେଉଁ ଦିନ ଖବର କାଗଜରୁ ପଢ଼ିଲେ ସତ୍ୟାନନ୍ଦ ବାବୁ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି ।

ଦୁର୍ଯ୍ୟୋଧନ ବାବୁ ଫେରିଚାହିଁଲେ ପଇଁତ୍ରିଶ ବର୍ଷର ତାଙ୍କର ଅଧ୍ୟାପନା ଜୀବନକୁ । କେଉଁଠି ବି ଦିନେ କଳାଦାଗ ନ ଥିଲା ।

ଅଥଚ ଆଜି ସେ...... ।

❖❖❖

Digitized by srujanika@gmail.com

ଖାନ୍‌ଦାନ୍

ରାୟ ସାହେବ ବ୍ରଜବଂଧୁ ମହାପାତ୍ରଙ୍କ ପୁଅ ସଦାନନ୍ଦ ମହାପାତ୍ର। ପାଟପୁର ଇଲାକାରେ ମହାପାତ୍ର ପରିବାରର ଖାନଦାନୀ ବହୁ ବର୍ଷର। କୋଠା ଗୁଡ଼ିକର ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିଲେ ମଧ୍ୟ ଖାନଦାନୀର ବାସ୍ନା ଲିଭିନି।

ସଦାନନ୍ଦବାବୁ ସେ ସମୟରେ ରେଭେନ୍‌ସା କଲେଜରୁ ଅର୍ଥନୀତିରେ ଏମ୍.ଏ. ପାଶକରି ମଧ୍ୟ ଚାକିରିକି ମନବଳାଇ ନ ଥିଲେ।

-ନ ହେଲେ ଏତେ ବେଳକୁ ସରକାରୀ ଚାକିରିରେ କାହିଁ କେତେ ଉପରେ ଥାଆନ୍ତେ!

-ସମୟ କେତେ ଶୀଘ୍ର ବଦଳିଯାଏ!

ସଦାନନ୍ଦବାବୁ ସମୟର ଗତିକୁ ମାପି ପାରି ନାହାନ୍ତି ତାଙ୍କ ଖାନ୍‌ଦାନୀ ତଉଲରେ।

ସେଦିନ ସତିଆ ବେହେରା ତାଙ୍କ ଆଗ ଦେଇ ସିଧା ଚାଲିଗଲା ବୋଲି କେଡ଼େ ବଡ଼ ପାଟି ଗାଳି ଦେଇଥିଲେ- କି'ରେ ସତିଆ, ଆଜିକାଲି କ'ଣ ମଣିଷ ହେଇଗଲ କିରେ ଶଳେ।

ସତିଆ ତେରେଛା ଚାହାଣୀରେ ସାନବାବୁଙ୍କୁ ଅନେଇ ତା'ବାଟରେ ଚାଲିଗଲା।

ସଦାନନ୍ଦ ଖାଲି ତାଙ୍କର ସେହି ପୁରୁଣା ଶିଉଳିଲଗା କୋଠାଘର ଗୁଡ଼ିକୁ ଅନାଇ ଦୀର୍ଘଶ୍ୱାସ ନେଉଥିଲେ।

Digitized by srujanika@gmail.com

କାମିନୀ

ନିରୋଳା ସଂଧ୍ୟା। ସାବତବାବୁ ଅଫିସ୍‌ରୁ ଫେରି ଡ୍ରଇଁ ରୁମ୍‌ରେ ବସିଥିଲା ବେଳେ କାନ୍ଥରେ ଟଙ୍ଗା ହୋଇଥିବା ସ୍ୱର୍ଗତା ସ୍ତ୍ରୀ କାମିନୀର ଫଟୋକୁ ଅପଲକ ନୟନରେ ଚାହିଁ ରହିଲେ।

ଦୁଇ ବର୍ଷତଳୁ କାମିନୀ ଅଭିମାନ କରି ସାବତ ବାବୁଙ୍କୁ ଛାଡ଼ି ଚାଲିଗଲା। ଆଉ ଫେରିଲା ନାହିଁ। ଦୁଇଝିଅ ରୀମା ଓ ରୀତା ଶାଶୁଘରକୁ ଚାଲି ଯାଇଛନ୍ତି।

ଘରକୁ ଫେରିଲେ ସାବତବାବୁଙ୍କୁ ଭାରି ନିର୍ଜନ ଲାଗୁଛି। ବେଡ଼୍‌ରୁମ୍ ଖାଁ ଖାଁ ଲାଗୁଛି। ଘରର ପ୍ରତ୍ୟେକ ଜାଗାରେ କାମିନୀ ତା'ର ସ୍ମୃତିର ଛାପ ରଖି ଯାଇଛି।

କାମିନୀ ସାବତବାବୁଙ୍କର କେବଳ ସ୍ତ୍ରୀ ନଥିଲା। ବସ୍ତିବାସୀଙ୍କ ଥିଲା ବଡ଼ମା। ସେମାନେ ସେ ଆଜି ମୂରବୀଶୂନ୍ୟ ହେଲାପରି ନିଜ ଦାବୀ ପାଇବା ପାଇଁ ରାହା ପାଉ ନାହାନ୍ତି।

ତୁମେ ଫେରିଆସ କାମିନୀ। ତୁମ ବାଟକୁ ବସ୍ତିବାସିନ୍ଦାମାନେ ଅନେଇ ବସିଛନ୍ତି।

ସାବତବାବୁ ଆଉ ବେଶି ଭାବି ପାରିଲେ ନାହିଁ, କରେଣ୍ଟ ଚାଲିଗଲା ପରେ ଅନ୍ଧାର ତାଙ୍କ ଭାବନାକୁ ପୋଛିଦେଲା ସମୁଦ୍ରର ଢେଉ ପରି।

❖❖❖

Digitized by srujanika@gmail.com

ଅଭିଶପ୍ତ ମାତୃତ୍ୱ

ଫେରି ଯାଅ ଶ୍ରମଣ। ମୁଁ ତୁମକୁ କେବେ ଗ୍ରହଣ କରି ପାରିବି ନାହିଁ। ଉତ୍ତେଜିତ ହୋଇ ପଡୁଥିଲା ରୂପାମ୍ବିକା। ତପସ୍ୟାକରି ମାତୃତ୍ୱ ପାଇଥିଲି କ'ଣ ଏଇୟା ଦେଖିବା ପାଇଁ? ମା'ଙ୍କ ପ୍ରଶ୍ନ ଗୁଡ଼ିକ ଶ୍ରମଣଙ୍କ କାନରେ ବାଜି ଫେରି ଯାଉଥିଲା ରୂପାମ୍ବିକାଙ୍କ ପାଖକୁ।

ନା-ନା, ହୋଇପାରେନା। ମାତୃତ୍ୱକୁ ସେ କେବେ ଅଭିଶପ୍ତ କରିପାରିବ ନାହିଁ।

ରୂପାମ୍ବିକାଙ୍କ ଚିତ୍କାର କେବଳ ପ୍ରତିଧ୍ୱନିତ ହେଉଥିଲା ଲୁମ୍ବିନୀର ରାଜଦାଣ୍ଡରେ।

❖❖❖

Digitized by srujanika@gmail.com

ଏକ ନିର୍ବାପିତ ଦୀପ

ମୁରଲୀବାବୁ ଭାରି ଗର୍ବ କରୁଥିଲେ ତାଙ୍କ ପୁଅ ମିଲ୍‌ଟାରୀରେ ଯୋଗ ଦେଇଛି ।

ଦେଶ ପାଇଁ ପୁଅ ଲଢ଼ିବ ।

ଦେଶରୁ ଆତଙ୍କବାଦ ଲୋପ ପାଇବ ।

-ଫୋନ୍ ପାଇଲା ପରେ ବିଚଳିତ ହୋଇ ପଡ଼ିଲେ ମୁରଲୀବାବୁ । ପୁଅ କମଳାକାନ୍ତ ମାଲ୍‌କାନଗିରିରେ ମାଓବାଦୀଙ୍କ ଗୁଳିରେ ସହିଦ୍ ହୋଇ ଯାଇଛି ।

ମୁରଲୀବାବୁ ସେଦିନ ନିର୍ବାକ ହୋଇ ଯାଇଥିଲେ କ୍ଷଣକ ପାଇଁ ।

❖❖❖

Digitized by srujanika@gmail.com

ସୀମା ଅପା

ଆମ ସମସ୍ତଙ୍କର ସେ ସୀମା ଅପା। ଅବିବାହିତ ରହିବାର ସଂକଳ୍ପ ନେଇ ଆଜି ଷାଠିଏ ବର୍ଷରେ ପହଞ୍ଚିଛନ୍ତି ସୀମା ଅପା। ଅଳ୍ପ ବୟସରେ ବାପା ମରିଗଲାପରେ ସୀମାର ପରିବାର ହଜି ଯାଇଥାନ୍ତା କେଉଁ ବସ୍ତିର ନାଳ ନର୍ଦ୍ଦମାରେ।

ସୀମା ଅପା ବାହାହେଲା ନାହିଁ କେବଳ ସାନ ଭାଇ ମଣ୍ଟୁପାଇଁ। ସେ ଏବେ ଆମେରିକାରେ ଇଂଜିନିୟର। ସାନ ଭଉଣୀ ମିତାଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା। ବୋଉ କେବେଠୁ ଚାଲି ଗଲେଣି। ସୀମା କେବେ ପଛକୁ ଫେରି ଚାହିଁ ନାହିଁ।

ବାପା ବୋଉଙ୍କ ଫଟୋ ପାଖରେ ପ୍ରତିଦିନ ଜୁହାର ହୋଇ କହେ- ମୋ କର୍ତ୍ତବ୍ୟ ମୁଁ ଠିକ୍ ଭାବେ କରି ପାରିଛି ବାପା, ଏଥିରେ ମୋର ପରମ ତୃପ୍ତି।

❖❖❖

Digitized by srujanika@gmail.com

ଗୋଟିଏ ଝରାଶେଫାଳୀର ଆତ୍ମକାହାଣୀ

ସରିତା ଆଚାର୍ଯ୍ୟ ସେଦିନ ଗାଁ ଛାଡ଼ି ସହରକୁ ଆସିଥିଲା। ନିଶାଥିଲା ସିନେମାରେ ଅଭିନୟ କରି କ୍ୟାରିୟର ତିଆରି କରିବ। ଗୋଟାଏ ପରେ ଗୋଟାଏ ଫିଲ୍ମର ଅଭିନୟ ଦର୍ଶକଙ୍କୁ ପାଗଳ କରିଦେଇଥିଲା।

ସରିତା ଦେଖିଥିଲା ତା'ର ସଫଳତାର ଶେଷ ପାହାଚ।

ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିଲା। ସେ ବୁଝି ପାରି ନ ଥିଲା ପ୍ରଯୋଜକ ମିଃ ବର୍ମାଙ୍କ ଉଦ୍ଦେଶ୍ୟ। ଭଉଣୀ ପରି ସ୍ନେହ ଦେଉଥିଲେ।

ସୁଟିଂ ସରି ଯାଇଥାଏ। ରାମୋଜି ସିଟିର ଏକ ସୌଖୀନ ହୋଟେଲ। ଟଳମଳ ହୋଇ ତା'ରୁମ୍ ଭିତରକୁ ପଶି ଆସିଲେ ମିଃ ବର୍ମା।

....ଫିଲ୍ମ ଲାଇନ୍ ଛାଡ଼ିଦେଇ ଗାଁକୁ ଫେରି ଯିବାର ନିଷ୍ପତି ନେଲା ସରିତା। ଏ କାହାଣୀ କହିବାପାଇଁ ସାଥୀଟିଏ ଖୋଜୁଥିଲା ସରିତା।

❖❖❖

Digitized by srujanika@gmail.com

ମାନସ ଅଭିସାର

ସରୋଜ ବାବୁ ଜୀବନଯାକ ଖଟି ଖଟି ଅବସର ପରେ ସାଙ୍ଗସାଥୀ ଆଉ ସାହିତ୍ୟ ସଭା ସମିତିରେ ଯୋଗ ଦେଇ ସମୟ ବିତାଇବେ ବୋଲି ଯୋଜନା କରୁଥିଲେ।

ଦିଲ୍ଲୀଫେରିବା ସମୟରେ ଧଉଳି ଏକ୍ସପ୍ରେସ ଟ୍ରେନ୍‌ରେ ମାଧବୀ ମହାପାତ୍ର ସହିତ ପରିଚୟ ହୋଇଥିଲା। ମାଧବୀ ଦିଲ୍ଲୀ ଟ୍ରାନସ୍‌ପୋର୍ଟରେ ଚାକିରି କରେ। ଓଡ଼ିଆ ଝିଅ। ସ୍ୱାମୀର ଅକାଳ ବିୟୋଗପରେ ସେଠାରେ ଅବସ୍ଥାପିତ ହୋଇଛି।

ମାଧବୀର କଥାଗୁଡ଼ିକ ସରୋଜବାବୁଙ୍କୁ କେମିତି ଗୋଟାଏ ନୂଆ ସ୍ପର୍ଶଆଣି ଦେଇଥିଲା।

ବିବାହ ଜୀବନରେ ସରୋଜିନୀ ପାଖରୁ ଏଭଳି କଥା ପଦେ ସେ ଶୁଣିଥିଲେ ଜୀବନକୁ ଧନ୍ୟ ମଣିଥାନ୍ତେ।

ମାଧବୀ ଭୁବନେଶ୍ୱର ଷ୍ଟେସନରେ ଓହ୍ଲେଇ ଗଲାବେଳେ କହିଛି- "ଦିଲ୍ଲୀ ଆସିଲେ ମୋ ଆଡ଼େ ଆସିବାକୁ ଭୂଲିବେନି ସରୋଜବାବୁ। ସେତେବେଳେ ଆପଣଙ୍କୁ ସରପ୍ରାଇଜ୍ ଦେବି"

-ତା'ପରେ। ସବୁଦିନ ଅଫିସରୁ ଫେରିଲାବେଳେ ଷ୍ଟେସନ ଦେଇ ଘରକୁ ଫେରିବାକୁ ସରୋଜ ବାବୁ ଅଭ୍ୟାସ କରି ସାରିଛନ୍ତି।

❖❖❖

Digitized by srujanika@gmail.com

କଳାପାହାଡ଼ର ଉପକଥା

ପରାଜୟର ଗ୍ଳାନିରେ ପୂରି ଯାଇଛି କଳାପାହାଡ଼ ମନ ଆଉ ହୃଦୟ । ଫେରିବା ଅପେକ୍ଷା ମୃତ୍ୟୁ ତାଙ୍କ ପାଇଁ ଶ୍ରେୟସ୍କର । ଦୟାନଦୀର ନିର୍ଜନ କୂଳ । ଘୋଡ଼ା ଉପରେ ବସି କଳାପାହାଡ଼ ଚାହୁଁଛି ଧଉଳିପାହାଡ଼ ଆଡ଼କୁ ।

କେଉଁ ଏକ ଗ୍ରାମ୍ୟ ଲଳନାର ନୂପୁରର ଧ୍ୱନି ସାଙ୍ଗକୁ କଳସିରେ ପାଣି ପୂରାଇବାର ଶବ୍ଦ ମିଶି କେମିତି ଏକ ସମ୍ମୋହନ ସୃଷ୍ଟି କରିଥିଲା କଳାପାହାଡ଼ଙ୍କ ମନରେ ।

- 'ଏ କି ଦୃଶ୍ୟ' ! ନିଜ ଆଖିକୁ ବିଶ୍ୱାସ କରିପାରିଲେନି । କି ଭୁଲ କଲେ ସେ । ବିଦ୍ୱେଷରେ ଧର୍ମ ନଷ୍ଟ ହୁଏନି । ଧ୍ୱଂସ କେବଳ ଭଗବାନଙ୍କ ହାତରେ ।

କଳାପାହାଡ଼ ଘୋଡ଼ାରୁ ଓହ୍ଲାଇ ଦୟାକୂଳକୁ ଗଲାବେଳକୁ ସେହି ଓଡ଼ିଆ ଲଳନାଟି କେଉଁ ଆଡ଼େ ଅଦୃଶ୍ୟ ହୋଇ ଯାଇଥିଲା ।

❖❖❖

Digitized by srujanika@gmail.com

କେବଳ ସେଇ ମୁହୂର୍ତ୍ତଟି ପାଇଁ

ପ୍ରଫେସର ସତ୍ୟାନନ୍ଦ ପଟ୍ଟନାୟକ ଅବାକ୍ ହୋଇ ପଡ଼ିଥିଲେ ପିଲାଟିର ଗୀତ ଗାଇବା ଶୈଳୀରେ। ବିଭୋର ହୋଇ ପଡ଼ିଥିଲେ ସତ୍ୟାନନ୍ଦ ପଟ୍ଟନାୟକ। ସେ ହଜିଯାଇ ଥିଲେ ଅତୀତର ଏକ ରୋମାଞ୍ଚକର ଘଟଣା ଭିତରେ।

ସତ୍ୟାନନ୍ଦ ବାବୁ ଗାଁ ସ୍କୁଲରେ ନବମ ଶ୍ରେଣୀର ଛାତ୍ରଥିଲାବେଳେ ଏହି ଗୀତ ଗାଇଥିବା ତଳ ଶ୍ରେଣୀ ଛାତ୍ରୀ ରୀମାକୁ ଭଲ ପାଇବସିଥିଲେ।

ତା'ପରେ ଓଡ଼ିଆ ସାହିତ୍ୟରେ ସର୍ବୋଚ୍ଚ ଡ଼ିଗ୍ରୀ ଧରି ଯେଉଁ ଦିନ ବିଶ୍ୱ ବିଦ୍ୟାଳୟରେ ଜଏନ୍ କଲେ, ସେ ଏ ଗୀତର ସ୍ୱର ଶୁଣିଥିଲେ।

ସେଇ ମୁହୂର୍ତ୍ତଟି ପାଇଁ କେବଳ ସତ୍ୟାନନ୍ଦ ପଟ୍ଟନାୟକ ଭୁଲି ନାହାନ୍ତି ଗାଁ ମାଟିର ବାସ୍ନାକୁ।

❖❖❖

Digitized by srujanika@gmail.com

ଚକା ଆଖି

ଶାନ୍ତୀଦେବୀ ପୁରୀର ବଡ଼ଦାଣ୍ଡରେ ପହଞ୍ଚୁ ପହଞ୍ଚୁ ଅନୁଭବ କରୁଥିଲେ କାହାର ସ୍ପର୍ଶ । କିଛି ଦିନ ଏଇ ସହରରେ ତାଙ୍କର ଚାକିରି ଥିଲା।

ସବୁଦିନେ ସେଇ ଚକାଆଖିର ମିଳନ ହୁଏ ଆଖିରେ। ମାତ୍ର ଆଜି ସେ କାହିଁ କେତେ ଦୂରରେ। ଆମେରିକାରେ ପୁଅ ପାଖରେ ରହି ପାଞ୍ଚ ବର୍ଷପରେ ଓଡ଼ିଶା ଆସିଛନ୍ତି।

ସ୍ୱାମୀ ଦେବକୀ ମହାପାତ୍ର ସ୍ୱର୍ଗପୁରରେ।

ସନ୍ଧ୍ୟା ଆଳତି ଚାଲିଥାଏ। ଶାନ୍ତିଦେବୀ ବିଶ୍ୱାସ କରିପାରିଲେନି ଯେଉଁ ଦୃଶ୍ୟ ତାଙ୍କ ଆଗରେ ନାଚି ଉଠିଲା।

ଇଏ ତ ସେହି ଚକାଆଖି ନୁହେଁ। ଏ ତ ତାଙ୍କ ନାତି ରିତେଶ। ତାଙ୍କରି କୋଳକୁ ଦଉଡ଼ି ଦଉଡ଼ି ଆସୁଛି।

-ସେ ସ୍ୱପ୍ନ ଦେଖୁନାହାନ୍ତି ତ।।

ପୁଣି ସେହି ରିତେଶର ଦୌଡ଼।

❖❖❖

Digitized by srujanika@gmail.com

ଅଧ୍ୟାପକ ଡଃ ରଂଗାଧର ନାୟକ ୧୯୫୪ ମସିହା ଅକ୍ଟୋବର ୨୧ ତାରିଖରେ ଯାଜପୁରଜିଲ୍ଲା ଅଧୀନସ୍ଥ ଟୋଲକାନୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଡଃ.ନାୟକ ଏକାଧାରାରେ ଜଣେ କବି, ଗାଳ୍ପିକ, ନାଟ୍ୟକାର, ସାହିତ୍ୟସମାଲୋଚକ ଓ ଗବେଷକ। ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ଜଣେ ଅଗ୍ରଣୀ ଗବେଷକ ଭାବରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର କବିତା, ଗଳ୍ପ, ପ୍ରବନ୍ଧ ପ୍ରକାଶ ପାଇଛି। ସଂପ୍ରତି ସେ ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟାପନାରତ।

– ପ୍ରକାଶକ

ଅନ୍ୟାନ୍ୟ ସାରସ୍ୱତ ସୃଷ୍ଟି

- ସମୀକ୍ଷା ତରଙ୍ଗ
- ଓଡ଼ିଆ ରୀତିନାୟିକାର ବେଶଭୂଷା ଓ ଅଳଙ୍କାର
- ପ୍ରାକ୍ ରୀତିଯୁଗୀୟ କାବ୍ୟଶୈଳୀ ଓ କବି ଅର୍ଜୁନଦାସ
- ଓଡ଼ିଆ କାବ୍ୟ ପରମ୍ପରା
- ଓଡ଼ିଆ ସାହିତ୍ୟକୁ ବୈଷ୍ଣବ କବି ଦୀନବନ୍ଧୁରାଜ ହରିଚନ୍ଦନଙ୍କ ଅବଦାନ
- କବି ଡଃ.ସୀତାକାନ୍ତ ମହାପାତ୍ରଙ୍କ କାବ୍ୟମାନସ
- ଦୀନବନ୍ଧୁରାଜ ଗୀତାବଳୀ
- ତୀର୍ଥଯାତ୍ରା (ନାଟକ)
- ଏଇ ଗାଁ ମାଟିରେ (ନାଟକ)
- ସମୟାନ୍ତର (କବିତା)

Design & Printed by: ankita graphics, Bhubaneswar

Digitized by srujanika@gmail.com